# ଯିଏ ଦେଶ ପାଇଁ ସମର୍ପିତ, ତାଙ୍କୁ ଭଲ ମଣିଷ କୁହାଯାଏ: ମନ୍ତ୍ରୀ

## ଟିଲୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ବନ୍ତ,୧୨।୪(ହରି ନାରାୟଣ ମହାନ୍ତି/ କିଶୋର କୁମାର ସେଠୀ)

ଯିଏ ଦେଶ ପାଇଁ ସମର୍ପିତ, ତାଙ୍କୁ ହିଁ ଭଲ ମଣିଷ କୁହାଯାଏ। ବାଜି ରାଉତ, ଲକ୍ଷ୍ମଣ ନାୟକ, ମାଧୋ ସିଂହ ଦେଶ ପାଇଁ ବଳିଦାନ ଦେଇଥିଲେ। ସେମାନଙ୍କୁ ଆଜି ଆମେ ପୂଜା କରୁଛନ୍ତି। ସେମାନଙ୍କୁ ମନେ ପକାଇବା ପାଇଁ ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି କରାଯାଉଛି। ନିଜ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱରେ ରହି ଦେଶ ପାଇଁ ଯିଏ ଚିନ୍ତା କରନ୍ତି, ସେମାନଙ୍କୁ ଭଲ ମଣିଷ କୁହାଯାଏ ବୋଲି ରବିବାର ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ରୀତାରାଣୀ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ମୁଖ୍ୟବକ୍ତା କବି ଡ. ରକ୍ଷକ ନାୟକ, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ସଂଳାପ ଲେଖକ ଡ.ରଜନୀ ରଞ୍ଜନ ଦାସ, ଅବସରପ୍ରାପ୍ତ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ପୁରାତନ ଛାତ୍ର ସଂସଦ ସଭାପତି ନରୋତ୍ତମ ସ୍ୱାଇଁ ଓ ସମ୍ପାଦକ ଡ.ମନ୍ମଥ କୁମାର ରାଉଳ ଯୋଗ ଦେଇଥିଲେ।

ଏହି ଅବସରରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଜୟନ୍ତୀ କମିଟି ପକ୍ଷରୁ ସମସ୍ତ ଅତିଥିଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ଧନେଶ୍ୱର ଜେନା, ଭାଗୀରଥି ଖୁଣ୍ଟିଆ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସତ୍ୟାନନ୍ଦ ବେହେରା ଓ ଅନୁଷ୍ଠାନପ୍ରେମୀ ଦେବେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ କମିଟି ଦ୍ୱାରା ପ୍ରକାଶିତ ସ୍ମରଣିକା 'ସୁବର୍ଣ୍ଣ ସ୍ମୃତି' ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ର ମାଧବାନନ୍ଦ ବେହୁରା ମଞ୍ଚ ସଂଯୋଜନା, ଇଂ.ଲକିମାଷ୍ଟର ସ୍ୱାଇଁ ସ୍ୱାଗତ ଭାଷଣ ଓ ପରମେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ୨ୟ ଅଧିବେଶନରେ ଅତିଥି ଭାବେ ବ୍ୟଙ୍ଗକବି ଜ୍ଞାନ ହୋତା, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ସ୍ୱାଇଁ, ବିଶ୍ୱନାଥ ଓଝା, ବିଦ୍ୟାଳୟର ପ୍ରତିଷ୍ଠାତା କାଳନ୍ଦୀ ଚରଣ ବେହେରା, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଭଣ୍ଡାରିପୋଖରୀ ହାଇସ୍କୁଲର ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ଇଂ.ପ୍ରଶାନ୍ତ କୁମାର ପୃଷ୍ଟିଙ୍କ ସମେତ ଜୟନ୍ତୀ କମିଟିର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ଏହି ଅବସରରେ ୧ମରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବାଲି ଚାଲାଣ ବେଳେ ୯ ହାଇୱା ଜବତ

ବନ୍ତ,୧୨।୪(କିଶୋର କୁମାର ସେଠୀ)

ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ଆପଣ୍ଡା ଛକଠାରେ ରବିବାର ଭୋର ସମୟରେ ବେଆଇନ ବାଲି ଚାଲାଣ ବେଳେ ବନ୍ତ ଥାନା ପୋଲିସ ୯ଟି ହାଇୱା ଜବତ କରିଛି। ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଛି। ପଡ଼ୋଶୀ କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ବୈତରଣୀ ନଦୀର ବିଭିନ୍ନ ବାଲି ଘାଟରୁ ବେଆଇନ ଭାବେ ବାଲି ପରିବହନ ହେଉଛି। ତନଖି ସମୟରେ ଗାଡ଼ି ଚାଳକମାନେ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ବାଲି ବୋଝେଇ ହାଇୱାଗୁଡ଼ିକୁ ଜବତ କରିଥିଲା। ଜବତ ହାଇୱାଗୁଡ଼ିକୁ ଥାନା ନିକଟରେ ରଖାଯାଇଥିବା ବେଳେ ଚାଳକମାନଙ୍କୁ ପଚରାଉଚରା ପରେ ସର୍ତ୍ତମୂଳକ ଭାବେ ଛାଡ଼ି ଦିଆଯାଇଛି। ଏନେଇ ଏକ ମାମଲା (ନଂ.୧୨୯/୨୬) ରୁଜୁ କରାଯାଇଥିବା ଥାନାଧିକାରୀ ମହାନ୍ତି କହିଛନ୍ତି।

# ବିଜେଡି ଜିଲା ଉପସଭାପତି ଗିରଫ

## ଏନ୍‌ଏସି କାର୍ଯ୍ୟାଳୟରେ ପଶି ଦୁର୍ବ୍ୟବହାର ଅଭିଯୋଗ

ଚାନ୍ଦବାଲି,୧୨।୪(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି କାର୍ଯ୍ୟାଳୟରେ ପଶି କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବିଜେଡି ଜିଲା ଉପସଭାପତି ଜିତେନ୍ଦ୍ର ପାଣିଙ୍କୁ ପୋଲିସ ରବିବାର ଗିରଫ କରିଛି। ଗତ ୧ ତାରିଖରେ ଜିତେନ୍ଦ୍ର ଏନ୍‌ଏସି କାର୍ଯ୍ୟାଳୟରେ ପଶି କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ରବିବାର ପୂର୍ବାହ୍ନରେ ପୋଲିସ ଜିତେନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୯/୨୬) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଏହି ଘଟଣାକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଛି।

# 'ଭଦ୍ରକ ଓଡ଼ିଆ କଳା ଓ ସଂସ୍କୃତିର ଅନ୍ତୁଡ଼ିଶାଳ'


ଦର୍ଶନ ସାଂସ୍କୃତିକ ଏକାଡେମୀର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ,୧୨।୪(ରବିନାରାୟଣ ଖିଲାର)

ଭଦ୍ରକ ହେଉଛି ଓଡ଼ିଆ କଳା ଓ ସଂସ୍କୃତିର ଅନ୍ତୁଡ଼ିଶାଳ। ଓଡ଼ିଶାର ଜୀବନ ଓ ସମାଜକୁ ସମୃଦ୍ଧ କରୁଥିବା ପ୍ରତିଟି କ୍ଷେତ୍ର ଯଥା କଳା, ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି ଆଦି ପ୍ରତି ବିଭବକୁ ଭଦ୍ରକର ଭୂୟସୀ ଅବଦାନ ରହିଛି। ଭଦ୍ରକ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଜ୍ୱଳିତ କ୍ଷେତ୍ର। ବାସୁଦେବପୁରର ରକ୍ତତୀର୍ଥ ଇରମ ଦ୍ୱିତୀୟ ଜାଲିଆନାୱାଲାବାଗ ନାମରେ ଅଭିହିତ ବୋଲି ଦର୍ଶନ ସାଂସ୍କୃତିକ ଏକାଡେମୀ ପକ୍ଷରୁ ୧୦ମ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ସନ୍ଧ୍ୟାରେ ଭଦ୍ରକ ଟାଉନ ହଲ୍‌ଠାରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଇଂ. ଅଭୟ ସୂତାର, ସମ୍ମାନିତ ଅତିଥି ଭାବେ ଏନ୍‌ସିସି କମାଣ୍ଡର ଡ. ସୁଦୀପ ସାହୁ, ଆଇନଜୀବୀ ଗଦାଧର ବଳ, ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ଚିତ୍ରକଳା କଲେଜର ଅଧ୍ୟକ୍ଷ ମନୋଜ କୁମାର ଭଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। କବୟିତ୍ରୀ ସଂଯୁକ୍ତା ବଳ ମଞ୍ଚ ଆମନ୍ତ୍ରଣ, ଦର୍ଶନ ଏକାଡେମୀ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ସ୍ୱାଗତ ଭାଷଣ ପ୍ରଦାନ ଓ ନିର୍ଦ୍ଦେଶକ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥଲା।

# ବନ୍ଧୁମିଳନ, ଗୁରୁପୂଜନ ସମାରୋହ

ଧୁଷୁରୀ,୧୨।୪(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ସାହାସପୁର ଉଚ୍ଚ ବିଦ୍ୟାପୀଠର ୧୯୯୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁପୂଜନ ସମାରୋହ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅନିରୁଦ୍ଧ ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ତତ୍କାଳୀନ ପ୍ରଧାନଶିକ୍ଷକ ପ୍ରଣବ କୁମାର ସାହୁ, ପୂର୍ବତନ ସହକାରୀ ଶିକ୍ଷକ ମହେଶ୍ୱର ମିଶ୍ର, ଉପେନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ପଣ୍ଡା, ପ୍ରବୀଣ କୁମାର ଲେଙ୍କା, ଶ୍ରୀଧର ସାହୁ, ସଦାନନ୍ଦ ସାହୁ, ବୃନ୍ଦାବନ ମିଶ୍ର, ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ସାମଲ, ନିତ୍ୟାନନ୍ଦ ପୋଥାଳ, ଶିକ୍ଷାକର୍ମୀ ସୁବାସ ଚନ୍ଦ୍ର ମାଝୀ, କହ୍ନେଇ ଚରଣ ମାଝୀ, ବର୍ତ୍ତମାନର ପ୍ରଧାନଶିକ୍ଷୟିତ୍ରୀ ପୁନମ ଲାକ୍ରା, ବିଜୟ କୁମାର ଦାସ, ସରୋଜିନୀ ଓଝା ପ୍ରମୁଖ ଯୋଗ ଦେଇଥିଲେ। ବନ୍ଧୁମିଳନ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କର ସେତୁବନ୍ଧ ବୋଲି ସେମାନେ କହିଥିଲେ। ଶୁଭେନ୍ଦୁ କୁମାର ମାଝୀ, ପବିତ୍ର କୁମାର ସାହୁ, ଲଲାଟେନ୍ଦୁ ପୋଥାଳ, ଅକ୍ଷୟ କୁମାର ବେହେରା, ବିଜୟ କୁମାର ଦାସ, ସୁପ୍ରିୟା ମାଝୀ, ନନ୍ଦିତା ରାୟ, ରଞ୍ଜିତା ସାଏନ୍ତ, ସଜୟା ଦାସ, ରଞ୍ଜିତା ସାହୁ ପ୍ରମୁଖ ଅତୀତର ଅନୁଭୂତି ବଖାଣିଥିଲେ। ଭରତ କୁମାର ତରେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଙ୍ଗ ଦୋକାନରେ ଗଞ୍ଜେଇ ବିକ୍ରି

## ବିକ୍ରେତାଙ୍କ ସହ ୨ ସହଯୋଗୀ ଗିରଫ


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସହ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ ଓ ଅନ୍ୟ ପୋଲିସ ଅଧିକାରୀ।

ତିହିଡ଼ି,୧୨।୪(ସଞ୍ଜିତ ବଳ)

ଦୋକାନ ବାହାରେ ସରକାରୀ ଭାଙ୍ଗ ଦୋକାନ ବୋଲି ସାଇନ ବୋର୍ଡ ଝୁଲୁଥିଲା। ହେଲେ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିଲା। ଭଦ୍ରକ ଜିଲା ତିହିଡ଼ି ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଦୀର୍ଘବର୍ଷ ଧରି ଏହି ବ୍ୟବସାୟ ଚାଲିଥିବା ବେଳେ ଶନିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଛି। ତିହିଡ଼ି ବଜାରରେ ଥିବା ଏହି ବେଆଇନ ଗଞ୍ଜେଇ ଦୋକାନରୁ ୧୬ କି.ଗ୍ରା. ୩୩୬ ଗ୍ରାମ୍ ଗଞ୍ଜେଇ ସହ ନଗଦ ୪୫,୯୯୫ ଟଙ୍କା ଜବତ କରାଯାଇଛି। ଏଥିସହ ଗଞ୍ଜେଇ ବିକ୍ରେତା ଓ ତାଙ୍କର ୨ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଜିସାହି ଗ୍ରାମର ମିର୍ଜା ଉରଫାନ ବେଗ୍, ସିରାଜ ଅଲ୍ଲୀ ଓ ତିହିଡ଼ି ଥାନା ଅଧୀନ ମିର୍ଜାପୁର ଗ୍ରାମର ସୟଦ ଅଇରାଜ ବୋଲି ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ଏସ୍‌ଆଇ ଦୀପ୍ତିମଞ୍ଜରୀ ବଡ଼ଜେନାଙ୍କ ରିପୋର୍ଟକ୍ରମେ ଏକ ମାମଲା (ନଂ.୧୧୪/୨୬) ରୁଜୁ ହୋଇଛି।

ଏସ୍‌ଡିପିଓ ସାହୁ ସୂଚନା ଦେଇ କହିଛନ୍ତି, ଶନିବାର ସକାଳେ ତିହିଡ଼ି ବଜାରରେ ଏସ୍‌ଆଇ ବଡ଼ଜେନା ଓ କେତେଜଣ କନ୍‌ଷ୍ଟେବଲ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଭାଙ୍ଗ ଦୋକାନରେ ବେଆଇନ ଭାବେ ଗଞ୍ଜେଇ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ। ପରେ ସେମାନେ ଏ ସମ୍ପର୍କରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇଥିଲେ। ଆଇଆଇସି ନାୟକ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏନେଇ ଜଣାଇଥିଲେ। ସନ୍ଧ୍ୟାରେ ପୋଲିସ ସେହି ଦୋକାନରେ ଚଢ଼ାଉ କରିଥିଲା। ଗଞ୍ଜେଇ ଜବତ ସମୟରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏସ୍‌ଆଇ ରୋଜନ ମୁର୍ମୁଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଜବତ ଗଞ୍ଜେଇ ଓ ଟଙ୍କାକୁ କୋର୍ଟରେ ଦାଖଲ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

# 'ସାହିତ୍ୟ ସମାଜକୁ ଠିକ୍ ମାର୍ଗଦର୍ଶନ ଦେଇଥାଏ'



ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥି।

ବାସୁଦେବପୁର,୧୨।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ୯ମ ବାର୍ଷିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଟଳ ବିହାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ସେନାପତି ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମାଜକୁ ଠିକ୍ ମାର୍ଗଦର୍ଶନ ଦେଇଥାଏ। ସମାଜ ହିତରେ ସାହିତ୍ୟ ରଚନା ହେବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବସନ୍ତ କୁମାର ଦାସ, ଉଦ୍‌ଘାଟକ ସରପଞ୍ଚ ଉମାକାନ୍ତ ମଳିକ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଭାଗୀରଥି ପାଣିଗ୍ରାହୀ, ଯଦୁନାଥ ସାହୁ ଓ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ସୁଦର୍ଶନ ଅଗସ୍ତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଶଶାଙ୍କ ଶେଖର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲା କମିଟି ବୈଠକ

# ହିଂସା ମୁକ୍ତ ସମାଜ ପାଇଁ ଆହ୍ୱାନ

ଭଦ୍ରକ,୧୨।୪(ସନାତନ ରାଉତ)

ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ରବିବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁମତୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମିତିର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଯୋଗଦେଇ ଜାତୀୟ ଓ ଅନ୍ତର୍ଜାତୀୟ ରାଜନୈତିକ, ଆର୍ଥିକ ପରିସ୍ଥିତି ବିଷୟରେ ଆଲୋକପାତ କରିଥିଲେ। ଆମେରିକାର ଯୁଦ୍ଧ ଖୋର୍ ମନୋଭାବ ଏବଂ ଏକଛତ୍ରବାଦୀ ନୀତିକୁ ସେ ନିନ୍ଦା କରିଥିଲେ। ଗ୍ୟାସ୍ ଅଭାବ ଯୋଗୁ ହୋଟେଲ ବନ୍ଦ ହେବାକୁ ବସିଲାଣି। ଲୋକେ କାଠ ଓ କୋଇଲା ଚୁଲା ବ୍ୟବହାର କଲେଣି। ଦେଶରେ ଏଭଳି ପରିସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାରେ ମହିଳା, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି ବୋଲି ସେ କହିଥିଲେ। ମହିଳାମାନେ ଏକ ହୋଇ ଲଢ଼ିବା ଏବଂ ହିଂସାମୁକ୍ତ ସମାଜ ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦିକା ପ୍ରଭାତୀ ଜେନା ବିବରଣୀ ପ୍ରଦାନ କରିଥିଲେ। ସଭ୍ୟା ଶିକ୍ଷା ମହାପାତ୍ର, ରୋଜାଲିନ ସାମ୍ୟବାଦୀ, ପ୍ରତିମା ସ୍ୱାଇଁ, କାମିନୀ ଭୋଇ, ପ୍ରଭାତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର କର୍ମକର୍ତ୍ତା।

# ବରପୁତ୍ରମାନେ ସର୍ବଦା ବନ୍ଦନୀୟ

## ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ


ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ଅତିଥିମାନେ।

ଭଦ୍ରକ,୧୨।୪(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ପାଳନ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ରବିବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ତୁତିଚାରଣ କରାଯାଇଥିଲା। ଆୟୋଜିତ ସାଧାରଣ ସଭା ଓ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ବରପୁତ୍ରମାନେ ସର୍ବଦା ବନ୍ଦନୀୟ। ସେମାନଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେଲେ ସୁନ୍ଦର ସମାଜ ଗଠନ ହୋଇପାରିବ। ଅନ୍ୟତମ ଅତିଥି ଭାବେ ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର, ଜିଲା ଶ୍ରମ ଅଧିକାରୀ ପ୍ରେମମଞ୍ଜରୀ ନାୟକ, କଥାକାର ପବିତ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ ନାୟକ ଓ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ବନ୍ଦନୀୟ ବରପୁତ୍ରମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ ୫୦ରୁ ଅଧିକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୦ ଜିଲାର ୮୦ ହଜ୍ ଯାତ୍ରୀଙ୍କୁ ପ୍ରଶିକ୍ଷଣ

ଭଦ୍ରକ,୧୨।୪(ସନାତନ ରାଉତ)


ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ହଜ୍ ଯାତ୍ରୀମାନେ।

ଭଦ୍ରକ ହଜ୍ ଟ୍ରେନିଂ କମିଟି ଆନୁକୂଲ୍ୟରେ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ଗତ ଦୁଇଦିନ ଧରି ଚାଲିଥିବା ହଜ୍ ଯାତ୍ରୀଙ୍କୁ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ହାଜୀ ଶେଖ୍ ସିରାଜୁଦ୍ଦିନ, ହାଜୀ ମିର୍ଜା ଇସ୍‌ଲାମ୍ ବେଗ ଓ ହାଜୀ ସଲିମ ଖାନ୍‌ଙ୍କ ଉପସ୍ଥିତିରେ ଟ୍ରେନିଂ କମିଟିର ସଭାପତି ହାଜୀ ଏସ୍‌ଏମ୍ ଫାରୁକଙ୍କ ସଭାପତିତ୍ୱ ଓ ସମ୍ପାଦକ ଅସରଫ୍ ଅଲି ଖାନ୍‌ଙ୍କ ସଂଯୋଜନାରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ୩ଜଣ ପ୍ରଶିକ୍ଷକ ମୁଫତି ମହମ୍ମଦ କାସୀମ, ସୈୟଦ ଅବଦୁଲ ମସଜୁଦ ହବିବି ଓ ସୈୟଦ ଅବଦୁସ ସୁବହୁ ହଜ୍ ଯାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଭଦ୍ରକ ଜିଲାରୁ ୧୯ ପୁରୁଷ ଓ ୧୪ ମହିଳା ମୋଟ ୩୩ଜଣଙ୍କ ସମେତ ଓଡ଼ିଶାର ୧୦ ଜିଲାରୁ ୮୦ରୁ ଉର୍ଦ୍ଧ୍ୱ ହଜ୍ ଯାତ୍ରୀ ଯୋଗ ଦେଇଥିଲେ। ଓଡ଼ିଶାରୁ ୩୪୧ ପୁରୁଷ ଓ ୨୫୫ ମହିଳା ମୋଟ ୫୯୬ଜଣ ହଜ୍ ଯାତ୍ରୀ ଚଳିତ ମାସ ଶେଷ ସପ୍ତାହରୁ ଆସନ୍ତା ମେ ୫ ଭିତରେ ହଜ୍ ଯାତ୍ରାରେ ବିମାନ ଯୋଗେ ସାଉଦିଆରବକୁ ଯିବେ। ୪୫ ଦିନ ଭିତରେ ହଜ୍ ଯାତ୍ରାରୁ ସେମାନେ ଫେରିବେ। ସାଉଦି ଆରବର ମକ୍କା ଓ ମଦିନା ସରିଫରେ ପହଞ୍ଚିବା ପରେ କେଉଁ ନିୟମ ପ୍ରୟୋଗ କରିବାକୁ ହେବ, ସେହି ବିଷୟରେ ତାଲିମ ଦିଆଯାଇଥିଲା। ହଜ୍ କମିଟିର ଉପସଭାପତି ମିର୍ଜା ଏକ୍ରାମ ବେଗ, ସହସମ୍ପାଦକ ହାଜୀ ଚନ୍ଦା ଖାନ୍, ହାଜୀ ଅବଦୁଲ କାସିମ ଖାନ୍, ହାଜୀ ଶେଖ୍ ଅଲାଉଦ୍ଦିନ, ଆଇନଜୀବୀ ହାଜୀ ଶେଖ୍ ସୁଫିଆନ, ହାଜୀ ଶେଖ୍ ନାସିର ବକ୍ସ, ହାଜୀ ଅମାନୁଲ୍ଲା, ହାଜୀ ଶେଖ୍ ସଲାଉଦ୍ଦିନ, ଶେଖ୍ ମୁସ୍ତାକ, ଶେଖ୍ ରିୟାଯୁଦ୍ଦିନ, ଶେଖ୍ ତାରିକ, ସାବିର ଖାନ୍, ଆଇନୁଲ ଖାନ୍, ମୁସତଶନ ଖାନ୍, ଶେଖ୍ ଫାରୁକ, ଶେଖ୍ ବସିର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଅମିନଙ୍କ ଅକାଳ ମୃତ୍ୟୁ

ଭଦ୍ରକ,୧୨।୪(ସନାତନ ରାଉତ): ଭଦ୍ରକ ତହସିଲର କାର୍ଯ୍ୟରତ ସରକାରୀ ଅମିନ ରତିରଞ୍ଜନ ପାଣିଗ୍ରାହୀ(୩୭)ଙ୍କର ଶନିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ, ସେ ଚାନ୍ଦବାଲି ବ୍ଲକ ମତୋ ଗ୍ରାମସ୍ଥିତ ତାଙ୍କ ଘରେ ଥିବାବେଳେ ଶନିବାର ରାତି ପ୍ରାୟ ୯ ଟା ୩୦ ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହେବା ସହ ଅସୁସ୍ଥ ଅନୁଭବ କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଚାନ୍ଦବାଲି ତହସିଲରେ ସରକାରୀ ଅମିନ ଭାବେ ଚାକିରି ଆରମ୍ଭ କରିଥିବା ବେଳେ ୨୦୨୫ରେ ଭଦ୍ରକ ତହସିଲକୁ ବଦଳି ହୋଇ ଆସିଥିଲେ। ତାଙ୍କର ଏହି ଅକାଳ ମୃତ୍ୟୁରେ ଭଦ୍ରକ ତହସିଲଦାରଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀମାନେ ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ୨ ବର୍ଷର ଏକମାତ୍ର ଝିଅ ଅଛନ୍ତି।



# ଖାଙ୍କିହାଟ ଭଲି ଟିମ୍, ଆଦର୍ଶ ବିଦ୍ୟାଳୟ ଚାମ୍ପିୟନ

## ସିଏମ୍ ଟ୍ରଫି ଭଲିବଲ୍ ଟୁର୍ନାମେଣ୍ଟ

ତିହିଡ଼ି,୧୨।୪(ସଞ୍ଜିତ ବଳ)

ତିହିଡ଼ି କାଳୀପଡ଼ିଆରେ ୨ଦିନ ଧରି ଚାଲିଥିବା ସିଏମ୍ ଟ୍ରଫି ଭଲିବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବିଭାଗରେ ସରକାରୀ ବାଳିକା ହାଇସ୍କୁଲ, ଭଦ୍ରକକୁ ୨-୦ରେ ହରାଇ ଖାଙ୍କିହାଟ ଭଲି ଟିମ୍ ତିହିଡ଼ି ଏବଂ ବାଳକ ବିଭାଗରେ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ଭଦ୍ରକକୁ ୨-୦ ସେଟ୍‌ରେ ହରାଇ ଆଦର୍ଶ ବିଦ୍ୟାଳୟ, ଓଲଙ୍ଗ ଚାମ୍ପିୟନ ହୋଇଛି। ବାଳିକା ବିଭାଗରେ ୬ ଟିମ୍ ଏବଂ ବାଳକ ବିଭାଗରେ ୭ ଟିମ୍ ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗର ଫାଇନାଲ ମ୍ୟାଚ୍‌କୁ ଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ ଓ ଭାଟପଡ଼ା ସରପଞ୍ଚ ଶୁଭ୍ର ନାରାୟଣ ସେଠୀ ଉଦ୍‌ଘାଟନ କରିଥିଲେ। ସେହିପରି ବାଳକ ବିଭାଗର ଫାଇନାଲ ମ୍ୟାଚ୍‌କୁ ଅତିଥି ଭାବେ ଭଦ୍ରକ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଧୀରେନ ପଲାଇ, ତିହିଡ଼ି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ଓ ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବରେଣ୍ୟ ଅତିଥି ଭାବେ ଡିଏସ୍‌ଓ ଦେବବ୍ରତ ମହାପାତ୍ର ଓ ଭଦ୍ରକ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ପଲାଇ ଯୋଗଦେଇ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ୧୨ଜଣ ଲେଖାଏ ବାଳିକା ଓ ବାଳକ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବାଳକ ବିଭାଗ ମ୍ୟାଚ୍‌କୁ ଜିଲା ଭଲିବଲ୍ ସଂଯୋଜକ ଗିରିଜା ରମଣ ଜେନା ଏବଂ ବାଳିକା ବିଭାଗ ମ୍ୟାଚ୍‌କୁ ଅଭିଲିପ୍ସା ପାଢ଼ୀ ପରିଚାଳନା କରିଥିଲେ। ପ୍ରଭାତ କୁମାର ଜେନା, ରଞ୍ଜନ ବେହେରା, ପ୍ରିୟଦର୍ଶିନୀ ଧଡ଼ା, ତନ୍ମୟ ବେହେରା, ସୁଶାନ୍ତ କୁମାର ଯତି, ବାବାଜୀ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ପ୍ରତିଯୋଗୀ।

## ସଂକ୍ଷେପରେ

### କାରକୁ ଧକ୍କା ଦେଲା କାର, ୭ ଆହତ

ପାଟଣା,୧୨।୪:(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ନିହ୍ନୁଆଁ ଛକ ନିକଟରେ ରବିବାର ଅପରାହ୍ନରେ ଏକ କାର ପଛକୁ ଆଉ ଏକ କାର ଧକ୍କା ଦେବା ଫଳରେ ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବାରିପଦା ଅଞ୍ଚଳର ଏକ ପରିବାରର ୫ ଜଣ ସମ୍ବଲପୁରରୁ ଫେରୁଥିଲେ। ଏହି ସମୟରେ କେନ୍ଦୁଝର ପଟରୁ ଆଉ ଏକ କାରରେ ୨ ଜଣ କରଞ୍ଜିଆକୁ ଯାଉଥିଲେ। ନିହ୍ନୁଆଁ ନିକଟରେ ହଠାତ୍ ଆଗ ଗାଡି ବ୍ରେକ୍ ମାରିବାରୁ ପଛରେ ଆସୁଥିବା କାର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ିର ୭ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ୧୦୮ ଓ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଆପୋସ ବୁଝାମଣା ପରେ ଉଭୟ ଗାଡ଼ି ନେଇ ଯାଇଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଯୋଡ଼ା,୧୨।୪(ମାନସ ମହାନ୍ତି) କେନ୍ଦୁଝର ଜିଲା ଯୋଡ଼ା ବସ୍‌ଷ୍ଟାଣ୍ଡରେ ଅଜୟ ପାତ୍ର ନାମକ ଜଣେ ଯୁବକଙ୍କୁ ଦୁର୍ବୃତ୍ତ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅଜୟଙ୍କ ନିଜ ଘର ପାଟଣା ଥାନା ମୂଷାପଡ଼ା ଗାଁରେ ହୋଇଥିବା ବେଳେ ସେ କମାରଯୋଡ଼ାରେ ରହି ରାଜମିସ୍ତ୍ରୀ ଭାବରେ କାମ କରୁଛନ୍ତି। ତାଙ୍କର ମୁଣ୍ଡ ଓ ଆଖିପତାରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଛି। ତାଙ୍କୁ ନିକଟସ୍ଥ ଟାଟା ଷ୍ଟିଲ ମେନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ସେ ଯୋଡ଼ା ବଜାରକୁ ପରିବା କିଣିବାକୁ ଆସିଥିବା ବେଳେ ଦୁର୍ବୃତ୍ତ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଅଜୟଙ୍କ କହିବା କଥା ଶନିବାର ସାଇଟରେ କାମ କରୁଥିବା ସମୟରେ ମହିଳା ଶ୍ରମିକଙ୍କ ସହ ତାଙ୍କର ଏକ କଥାକୁ ନେଇ ବଚସା ହୋଇଥିଲା। ଯାହା ଫଳରେ ସେ ତାଙ୍କୁ ଦେଖିନେବେ ବୋଲି କହିଥିଲେ। ସେହି କାରଣରୁ କେହି ଆକ୍ରମଣ କରିଥିବା ଆଶଙ୍କା କରୁଛନ୍ତି। ଖବର ପାଇ ଯୋଡ଼ା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଚମ୍ପୁଆ,୧୨।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କୋଦଗଡ଼ିଆ ପଞ୍ଚାୟତର ଚିମିଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଭାଜପା ନେତା ଅଗ୍ନିଚରଣ ମହାନ୍ତ, ସମ୍ମାନିତ ଅତିଥିଭାବେ ଭାଜପା ନେତା ତଥା ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଜିଲା ସମ୍ପାଦିକା ଝରଣା ମହାନ୍ତ, ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂହ, ପରିଚାଳନା ସମ୍ପାଦକ ସୁଭେନ୍ଦୁ ମହାନ୍ତ, ପରିଚାଳନା ସଭାପତି ମାଗୁଣି ଚରଣ ପାତ୍ର ଓ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଆଚାର୍ଯ୍ୟ ବସନ୍ତ ମହାନ୍ତ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ନାଏକଙ୍କ ସଭାପତିତ୍ୱରେ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ। ଶେଷରେ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଚାକିରି ଆଶାୟୀ ନୁହେଁ, ନିଯୁକ୍ତିଦାତା ହୁଅ: ମୁଖ୍ୟମନ୍ତ୍ରୀ

## ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ମହାବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଆଗାମୀ ଭାରତ ବୈଷୟିକ ଜ୍ଞାନ କୌଶଳର ଭାରତ ହେବ। ଗବେଷଣା, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଉଦ୍ଭାବନର ଠିକ୍ ବ୍ୟବହାର ଦ୍ୱାରା ଦେଶର ସମୃଦ୍ଧି ସୁନିଶ୍ଚିତ ହେବ। କେନ୍ଦୁଝର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସନ୍ଧ୍ୟାରେ କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ (ଜିସିଇ)ର ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ଏଥିସହ କେବଳ ଚାକିରି ଖୋଜୁଥିବା ଆଶାୟୀ ନୁହେଁ, ଚାକିରି ସୃଷ୍ଟି କରୁଥିବା ମଣିଷ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ନିଜ ଛାତ୍ରଜୀବନର ସଂଘର୍ଷ ଦିନଗୁଡ଼ିକୁ ସ୍ମରଣ କରିଥିଲେ। ୧୯୯୫ରେ ଏହି ସଂସ୍ଥା ପ୍ରତିଷ୍ଠା ସମୟରୁ ଆଜି ପର୍ଯ୍ୟନ୍ତ ଏହା ଉତ୍ତର ଓଡ଼ିଶାର ଯୁବପିଢ଼ି ପାଇଁ ଆଶାର ପ୍ରତୀକ ରହିଛି। ମଧ୍ୟବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସତ୍ତ୍ୱେ ଲୋକଙ୍କର ସମୂହ ଉଦ୍ୟମ ଓ ସଂକଳ୍ପ ଦ୍ୱାରା ୨୦୦୧ରେ ଏହି ସଂସ୍ଥା ପୁନଃଜୀବନ ଲାଭ କରିଥିଲା। ଯାହା ଏକତା ଓ ଦୃଢ଼ ସଙ୍କଳ୍ପର ଉତ୍କୃଷ୍ଟ ଉଦାହରଣ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଜିସିଇକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଘୋଷଣା କରି ସେ ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଗବେଷଣା ଓ ଦକ୍ଷତା ବିକାଶରେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟର ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟିକୁ ନେଇ ଗତ ୨ ବର୍ଷରେ ପ୍ରାୟ ୨.୮ ଲକ୍ଷ କୋଟି ଟଙ୍କା ବିନିଯୋଗ ହୋଇଥିବା ସହ ୨ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଇଞ୍ଜିନିଅରିଂ ଓ ମେଡିକାଲ ଶିକ୍ଷାରେ ଆଦିବାସୀ, ଦଳିତ ଓ ଏସଇବିସି ବର୍ଗ ପାଇଁ ସଂରକ୍ଷଣ ବୃଦ୍ଧି କରାଯାଇଛି। ଯାହା ରାଜ୍ୟରେ ପଛୁଆ ବର୍ଗଙ୍କ ଶିକ୍ଷାର ବିକାଶକୁ ସୁନିଶ୍ଚିତ କରିବ ବୋଲି କହିଥିଲେ। କେବଳ ଚାକିରି ଖୋଜୁଥିବା ଆଶାୟୀ ନୁହେଁ, ଚାକିରି ସୃଷ୍ଟି କରୁଥିବା ମଣିଷ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଉତ୍ସବରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂ, ବିପିୟୁଟି କୁଳପତି ପ୍ରଫେସର ଅମୀୟ ରଥ, ଗଭର୍ଣ୍ଣିଙ୍ଗ ବଡି ଅଧ୍ୟକ୍ଷ ପ୍ରଦୀପ୍ତ ସେନାପତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୨।୪(ଦୀପକ ମିଶ୍ର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ରହିଛନ୍ତି। ଏହି ଅବସରରେ ରବିବାର କେନ୍ଦୁଝର ସର୍କିଟ୍ ହାଉସ୍‌ଠାରେ ଅନେକ ହଜାର ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗଗୁଡ଼ିକ ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ କହିଥିଲେ। ଅଭିଯୋଗ ଶୁଣାଣି ସମୟରେ ଜିଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଲକର, ଡିଏଫ୍‌ଓ ଏଚ୍‌ଡ଼ି ଧନ୍‌ରାଜ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା



ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

କେନ୍ଦୁଝର.୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ମଣ୍ଡୁଆ ଗ୍ରାମରେ ଅସହାୟ ପରିବାରକୁ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା କରାଯାଇଛି। ଗ୍ରାମର ତୁଳସୀ ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ କେହି ଆତ୍ମୀୟ ନ ଥିବାରୁ ମୃତଦେହ ସତ୍କାର ହୋଇପାରୁ ନ ଥିଲା। ସ୍ଥାନୀୟ ଭରସା ପରିବାର ଟ୍ରଷ୍ଟ ସୂଚନା ପାଇ ମୃତଦେହ ଉଦ୍ଧାର କରି ଡାଙ୍ଗରପଡ଼ାସ୍ଥିତ ଆଦର୍ଶ ଶ୍ମଶାନରେ ସମ୍ମାନର ସହିତ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରିଛି। ସଭାପତି ଲମ୍ବୋଦର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ଘରକୁ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକୀୟ ତେଜରାତି ସାମଗ୍ରୀ ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଜିଲା ସଭାନେତ୍ରୀ ବୈଶାଖୀ ମହାନ୍ତ, ସଂଯୋଜିକା ମମତାମୟୀ ପାତ୍ର, ଜିଲା ସଂଯୋଜକ ଶୁନ୍ୟରଞ୍ଜନ ଘଣା, ସଂଯୋଜକ ସେକ ତହିଦ ଉପସ୍ଥିତ ଥିଲେ। ଟ୍ରଷ୍ଟ କର୍ମକର୍ତ୍ତାଙ୍କ ଦାନ ଅର୍ଥରାଶିରେ ଶୁଦ୍ଧିକ୍ରିୟା ସହାୟତା କରାଯାଇଥିଲା।

# ରାଉରକେଲା ଯୁଥ୍ କ୍ରିକେଟ୍ କ୍ଲବ୍ ଚାମ୍ପିୟନ

## ଶୁଭାଶିଷ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

## ଖେଳାଳିଙ୍କୁ ଉତ୍ସାହିତ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଷ୍ଟାଡ଼ିୟମଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରାଉରକେଲା ଯୁଥ କ୍ରିକେଟ କ୍ଲବ୍ ଓ ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ମଧ୍ୟରେ ଖେଳାଯାଇଥିଲା। ରାଉରକେଲା ଯୁଥ କ୍ରିକେଟ କ୍ଲବ୍ ବିଜୟୀ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖେଳ ଦେଖିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜୟୀ ଏବଂ ରନରଅପ ଦଳକୁ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରି ଦେଶର ଗ୍ରାମୀଣ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏଥିପାଇଁ ପ୍ରତି ପଞ୍ଚାୟତ, ବ୍ଲକ୍‌ରେ ଷ୍ଟାଡ଼ିୟମ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି କହିଥିଲେ। ଏଥିସହ ଆସନ୍ତା ୨୦୨୮ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ହେବାକୁ ଥିବା ୱାର୍ଲଡ ଆଥଲେଟିକ୍ସ ଇନଡୋର ଚାମ୍ପିୟନଶିପ୍‌ରେ ବ୍ଲକ୍‌ଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଫୁଟ୍‌ବଲ, ଆଥଲେଟିକ୍ସ, ହକି ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଲକ୍ଷାଧିକ ଆଥଲେଟ ଅଂଶଗ୍ରହଣ କରିବେ ବୋଲି କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ଡା. ଫକୀର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଜିଲାପାଳ ବିଶାଳ ସିଂହ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, କେନ୍ଦୁଝରଗଡ଼ ପୌରପରିଷଦର ଅଧ୍ୟକ୍ଷା ନିକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

### ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ପାଟଣା,୧୨।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ବୁଢ଼ିକାପୁଡ଼ି ପଞ୍ଚାୟତ ଲକ୍ଷ୍ମୀପଶିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୪ର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ମୁଖ୍ୟ ବକ୍ତାଭାବରେ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପାର୍ଥସାରଥୀ ବେଜ୍, ସମ୍ମାନିତ ଅତିଥିଭାବରେ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ଏହି ଅବସରରେ ନବୋଦୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଅନନ୍ୟା ମହାନ୍ତ, ଛାତ୍ର ମହେଶ ନାଏକ, ସରିତା ମୁଣ୍ଡାଙ୍କୁ ଅତିଥି ସମ୍ମାନିତ କରିଥିଲେ।

### ମନମୋହନଙ୍କ ଟିମ୍‌ରେ କେନ୍ଦୁଝରରୁ ୪ ମନୋନୀତ

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ): ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ ଟିମ୍‌ରେ କେନ୍ଦୁଝର ଜିଲାର ୪ ଜଣଙ୍କୁ ସାମିଲ କରିଛନ୍ତି। ଜିଲାରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ସୁକେଶୀ ଓରାମ, ମୁରଲୀ ମନୋହର ଶର୍ମା, ରାଧାକାନ୍ତ ମହାନ୍ତ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଭାବେ ମହେଶ୍ୱର ସାହୁଙ୍କ ନାମ ଘୋଷଣା ହୋଇଛି। ଘୋଷଣା ପରେ ଭାଜପା କାର୍ଯ୍ୟକର୍ତ୍ତା ଖୁସି ବ୍ୟକ୍ତ କରିଥିଲେ ହେଁ, ଆଗାମୀ ଦିନରେ ନିଗମ ଦାୟିତ୍ୱ କାହାକୁ ମିଳିବ ସେ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ସୁକେଶୀ ଓରାମ ପୂର୍ବରୁ ୩ ଥର ଭାଜପା ରାଜ୍ୟ ଉପସଭାପତି ଏବଂ ଥରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ସେହିପରି ମୁରଲୀ ମନୋହର ଶର୍ମା ଓ ରାଧାକାନ୍ତ ମହାନ୍ତ ପୂର୍ବରୁ ଜିଲା ଭାଜପା ସଭାପତି ଭାବେ କାର୍ଯ୍ୟ କରିଥିଲେ। ରାଧାକାନ୍ତ ପୂର୍ବରୁ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଥିଲେ। ସେହିପରି ମହେଶ୍ୱର ସାହୁ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଭାବେ ଘୋଷଣା କରାଯାଇଛି।

# ପାଟଣା-ପିପିଳିଆ ରାସ୍ତାକଡ଼ ମାଟି ଧସୁଛି

ପାଟଣା,୧୨।୪(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା-ପିପିଳିଆ ପୂର୍ତ୍ତ ବିଭାଗ ରାସ୍ତାର ସ୍ୱାମ ଶିମୁଳି ନାଳ ବ୍ରିଜ୍ ନିକଟ ନବ ନିର୍ମିତ ରାସ୍ତା ଧସୁଛି। ମାଟି ରାସ୍ତାକଡ଼ ବିଲରେ ମାଡୁଥିବା ବେଳେ ରାସ୍ତା ଦୁର୍ବଳ ହେଉଥିବା ଅଭିଯୋଗ ହେଉଛି। ରାସ୍ତାରେ ଦୈନିକ ଅନେକ ହଜାର ଗାଡ଼ି ଚଳାଚଳ କରୁଥିବାରୁ ରାସ୍ତାରେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଆଶଙ୍କା ରହୁଛି। ନବ ନିର୍ମିତ ରାସ୍ତାର ୨ ପାର୍ଶ୍ୱ ମାଟି ମୋରମ ପକାଯାଇ ରୋଲର ନ କଲେ ଏପରି ବହୁ ସ୍ଥାନରେ ରାସ୍ତା ନଷ୍ଟ ହେବା ଆଶଙ୍କା ରହିଛି। ଏଥିପ୍ରତି ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କଂଗ୍ରେସ ପକ୍ଷରୁ ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ତଥା ରାଜ୍ୟସଭା ବିରୋଧୀଦଳ ନେତା ମାଲିକାର୍ଜୁନ ଖଡ଼ଗେଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଆଶାଳୀନ ମନ୍ତବ୍ୟ ଦେଇଥିବାରୁ ସାରା ଦେଶରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସହିତ କୁଶପୁତ୍ତଳିକା ଦାହ କରାଯାଉଛି। ରବିବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ହିମନ୍ତ ବିଶ୍ୱ ଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଢ଼ଳ ସେଠୀ, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମହିଳା ଆସନ ଆରକ୍ଷଣ ସମ୍ପର୍କରେ ମୁକ୍ତ ଆଲୋଚନା

କେନ୍ଦୁଝର,୧୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ମହିଳା ଆରକ୍ଷଣ ଭାରତର ସାମାଜିକ-ରାଜନୈତିକ ପରିସ୍ଥିତିକୁ ପରିବର୍ତ୍ତନ କରିବ କି? ବିଷୟରେ ଏକ ଖୋଲା ଆଲୋଚନା ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟ ଏବଂ ଛାତ୍ରୀମାନେ ଉପସ୍ଥିତ ହୋଇ ୩୩% ମହିଳା ଆରକ୍ଷଣ ବିଲର ବିଭିନ୍ନ ପାର୍ଶ୍ୱକୁ ନେଇ ଆଲୋଚନା କରିଥିଲେ। ଉପସ୍ଥାପନ ତଥ୍ୟର ଲିପିବଦ୍ଧ କରାଯାଇ ସଂରକ୍ଷିତ କରି ରଖାଯାଇଛି। ସଂସଦରେ ମହିଳାଙ୍କ ପାଇଁ ୩୩ ଶତକଡ଼ା ଆରକ୍ଷଣ ବ୍ୟବସ୍ଥାକୁ ସମସ୍ତେ ସମର୍ଥନ କରିଛନ୍ତି। ଏହି ପଦକ୍ଷେପ ମହିଳାମାନଙ୍କର ନିଷ୍ପତ୍ତିଗ୍ରହଣରେ ଅଂଶଗ୍ରହଣ ବୃଦ୍ଧି କରିବ ବୋଲି ବିଶ୍ୱାସ କରାଯାଉଛି। ମହିଳା ସଶକ୍ତିକରଣ ଦ୍ୱାରା ଗଣତନ୍ତ୍ର ଓ ଜାତିର ଉନ୍ନତିକୁ ଶକ୍ତିଶାଳୀ କରାଯାଇପାରିବ ବୋଲି ଆଲୋଚନାର ନିଷ୍କର୍ଷରେ ପହଞ୍ଚିଛନ୍ତି। ଏହାର ସଫଳ ପ୍ରୟୋଗ ପାଇଁ ସଚେତନତା, ଶିକ୍ଷା ଓ ସାମାଜିକ ସମର୍ଥନର ଆବଶ୍ୟକତା ଉପରେ ଆମେ ଜୋର ଦେଉଛୁ ବୋଲି ଛାତ୍ରୀମାନେ ମତବ୍ୟକ୍ତ କରିଛନ୍ତି। ସମାଜରେ ପ୍ରଚଳିତ ଧାରଣା ଭାଙ୍ଗି ମହିଳାଙ୍କ ନେତୃତ୍ୱକୁ ସମର୍ଥନ କରିବାକୁ ଆମେ ଉତ୍ସାହିତ ବୋଲି ମଧ୍ୟ ଉପସ୍ଥାନ କରିଛନ୍ତି। ସଭାରେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡା. ଚିତ୍ତରଞ୍ଜନ ସାହୁ, ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ସୁଧା ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ସମାଲୋଚକ ଡମ୍ବରୁଧର ମହାନ୍ତ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଦେବାନନ୍ଦ ମଲ୍ଲିକ, ଅର୍ଥନୀତି ବିଭାଗର ଅଧ୍ୟାପିକା ଗୀତାଞ୍ଜଳୀ ନାୟକ, ଇଂଲିଶ ବିଭାଗର ଅଧ୍ୟାପିକା ଡ. ନିବେଦିତା ଦାସ, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଆଲଫା ସରିତା ମହାନ୍ତି, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

# କୃଷି ଭବନରେ ଧାରଣା, ଆତ୍ମାହୁତି ଚେତାବନୀ

## ୪ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ନିଯୁକ୍ତି ବିବାଦ ପ୍ରସଙ୍ଗ

ବଞ୍ଚୋ,୧୨।୪ (ପ୍ରଦୋଷ କୁମାର ବିଶ୍ୱାଳ)




ଗ୍ରାମ୍ୟ କୃଷି କର୍ମଚାରୀ ଆଶାୟୀ ମାନେ ଖବରଦାତାସମ୍ମିଳନୀରେ ସୂଚନା ଦେଉଛନ୍ତି।

କେନ୍ଦୁଝର ଜିଲାର ୪ ଜଣ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀ ଭାବେ ନିଯୁକ୍ତି ନ ମିଳିବାରୁ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ସମ୍ପୃକ୍ତ ସଚିବଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ। ପ୍ରତିଶ୍ରୁତି ପୂରଣ ନ ହେବାରୁ ଆଶାୟୀ ପୁଣି ଧାରଣା ଦେବା ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ୨୦୦୮ରେ କେନ୍ଦୁଝରରେ ଗ୍ରାମ୍ୟ କୃଷି କର୍ମଚାରୀ ନିଯୁକ୍ତି ପାଇଁ ୩୬ଟି ପଦବୀ ବାହାରିଥିଲା। ଜିଲାସ୍ତରରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଆଦେଶକୁ ଉଲ୍ଲଂଘନ କରି ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ନୀଳାମ୍ବର ପରିଡ଼ା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସେଠୀ ପ୍ରମୁଖ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। ୨୪ ସେପ୍ଟେମ୍ବର ୨୦୨୪ରେ ନ୍ୟାୟାଳୟ ୪ ପ୍ରାର୍ଥୀଙ୍କୁ ବିଚାର କରି ନିଯୁକ୍ତି ଦେବାକୁ ସରକାରଙ୍କୁ ଆଦେଶ ଦେଇଥିଲେ। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କର କରାଯାଇ ନ ଥିଲା। କେନ୍ଦୁଝର ଜିଲା କୃଷି କାର୍ଯ୍ୟାଳୟରେ ୨ଥର ଆମରଣ ଅନଶନ ସହ ଆତ୍ମାହୁତି ଦେବାଭଳି ପଦକ୍ଷେପ ନେଇଛନ୍ତି। ମାର୍ଚ୍ଚ ୧୬ରେ ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଏକ ମାସ ଭିତରେ ବିଭାଗୀୟ ସଚିବ ଆଶାୟୀଙ୍କୁ ନିଯୁକ୍ତି ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ୪ ଦିନ ପରେ ଏକ ମାସ ପୂରିବାକୁ ଥିବା ବେଳେ ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଛି। ଏ ନେଇ ରବିବାର ଘସିପୁରାଠାରେ ୪ ଆଶାୟୀ ଏପ୍ରିଲ ୨୦ ତାରିଖ ସୁଧା ସଚିବ ଏବଂ କୃଷି ନିର୍ଦ୍ଦେଶକ ଦାବି ନ ଶୁଣିଲେ ଆସନ୍ତା ୨୦ ତାରିଖରେ କୃଷି ଭବନ ସମ୍ମୁଖରେ ସମୂହ ଆମରଣ ଅନଶନ ସହ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

# ଆଜବେଷ୍ଟସ୍‌ରେ ପାଲ ପକାଇ ଚାଲିଛି ପାଠପଢ଼ା

## କାଳବୈଶାଖୀରେ ୯ ବିଦ୍ୟାଳୟ କ୍ଷତିଗ୍ରସ୍ତ

ପାଟଣା,୧୨।୪(ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଗତ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ କୁଆପଥର ମାଡ଼ ସହ ବର୍ଷାରେ ୯ ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି। କୁଆପଥର ମାଡ଼ରେ ଶ୍ରେଣୀ ଗୃହର ଛପର କଣା ହୋଇଯାଇଥିବା ବେଳେ ଆଜବେଷ୍ଟସ ଉପରେ ପାଲ ପକାଇ ଶିକ୍ଷାଦାନ କରାଯାଉଛି। ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଥିବାରୁ ପକ୍କାଘର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ୧୯୪୯ରେ ସ୍ଥାନିକ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ କୁଆପଥର ମାଡ଼ରେ ଶ୍ରୀହିନ ହୋଇପଡ଼ିଛି। ବିଦ୍ୟାଳୟର ଗୋଟାଏ ବି ଶ୍ରେଣୀକକ୍ଷ ଛାତ ହୋଇ ନ ଥିବାରୁ ୯ଟି ଶ୍ରେଣୀ ଗୃହ ଓ ୧ ଷ୍ଟାଫ୍ କମନ ରୁମ୍‌ର ଆଜ୍‌ବେଷ୍ଟସ କଣା ହୋଇ ଦିନରେ ସୂର୍ଯ୍ୟ ରାତିରେ ଚନ୍ଦ୍ର, ତାରା ଦେଖାଯାଉଛି। ଗତ ସରକାରଙ୍କ ଅମଳରେ ଉକ୍ତ ସ୍କୁଲକୁ ୫ଟି ଯୋଜନାରେ ରୂପାନ୍ତରିତ କରାଯାଇଥିଲା। ମାତ୍ର ନୂତନ କୋଠା ନିର୍ମାଣ ନ ହୋଇ କେବଳ ରଙ୍ଗ ମରା କାର୍ଯ୍ୟରେ ସୀମିତ ରହିଥିଲା। ସେହିଭଳି ଚୀନାମାଳିପୋଷି ହାଇସ୍କୁଲ, ପାଟଣା ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଳାଣଘାଟି, ସାଧୁପଡ଼ା, ଭାଲୁଘର, ମଲିପୋଷି, ମୂଷାଖୋରି, ଗୋଧିରାମପଡ଼ା ପ୍ରାଥମିକ ବିଦ୍ୟାଳୟର ଆଜବେଷ୍ଟସ ଓ ଟାଇଲ ଗୃହ କଣା ହୋଇଯାଇଛି। ଛାତ୍ରୀଛାତ୍ର ପାଠପଢ଼ିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜସ୍ୱ ବିଭାଗ ତରଫରୁ ଦିଆ ଯାଇଥିବା ପଲିଥିନ ଶ୍ରେଣୀଗୃହ ଉପରେ ପକାଇ ଅଧ୍ୟୟନ ଚାଲିଛି। କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକୁ ଶନିବାର ପାଟଣା ତହସିଲଦାର ଅଶ୍ୱିନୀ ନାଏକ ଓ ବିଡିଓ ମାନସ ଦଣ୍ଡପାଟ ପରିଦର୍ଶନ କରି ଫେରିଛନ୍ତି। ବ୍ଲକ୍ ସହକାରୀ ଯନ୍ତ୍ରୀ ସସ୍ମିତା ବେହେରା, ଯନ୍ତ୍ରୀ ଅଜୟ ଝା ଓ ନୀହାର ରଞ୍ଜନ ବେହେରା କ୍ଷୟକ୍ଷତି ଆକଳନ କରିଛନ୍ତି। ସବିଶେଷ ତଥ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ସଚ୍ଚିଦା ନନ୍ଦ ସେଠୀ ବ୍ଲକ୍ ପ୍ରଶାସନକୁ ପ୍ରଦାନ କରିବା ପରେ ଶନିବାର ସହକାରୀ ଯନ୍ତ୍ରୀ ବେହେରା ରିପୋର୍ଟ ପ୍ରସ୍ତୁତ ପରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏସବୁ ବିଦ୍ୟାଳୟକୁ ସ୍ଥାୟୀ ଛାତ ଗୃହ ଯୋଗାଇ ଦେବାକୁ ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ଶିକ୍ଷାବିତ୍ ମଦନ ମୋହନ ଦ୍ୱିବେଦୀ, ଭରତଚନ୍ଦ୍ର ସାହୁ, ସନାତନ ଦାଶ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ କମଳାକାନ୍ତ ପତି ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଔପଦା,୧୨।୪(ଧରିତ୍ରୀ ପଣ୍ଡା): ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଅଘିରାପଦା ପଞ୍ଚାୟତ ଅନ୍ତର୍ଗତ ଅଘିରାପଦା ଦେହୁରୀ ସାହିର ଜଣେ ଯୁବକ ଶନିବାର ଫାଶୀଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ବେଣୁଧର ଦେହୁରୀଙ୍କ ପୁତ୍ର ମଙ୍ଗୁଳି ଦେହୁରୀ (୨୩)। ଶନିବାର ଅଘିରାପଦା ଚିଙ୍ଗୁଡ଼ା ବିଲମଝିରେ ଥିବା ନାଗଫେଣି ଠାକୁରାଣୀ ମନ୍ଦିରର ଅଳ୍ପ ଦୂରରେ ଏକ ଶାଳ ଗଛରେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ଶାଳ ଗଛର ଝୁଲନ୍ତା ମୃତଦେହକୁ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ସଦଳ ବଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବଡ଼ ଭାଇ ରତ୍ନାକର ଦେହୁରୀଙ୍କ ଶୁଦ୍ଧି କ୍ରିୟା ପାଇଁ ମଙ୍ଗୁଳି ଦେହୁରୀ ଘରକୁ ଆସିଥିଲେ। ତାଙ୍କ ସ୍ତ୍ରୀ ଶଶୁର ଘର ନୀଳଗିରି ଥାନା ଅଞ୍ଚଳରେ ଅନ୍ୟ ଜଣଙ୍କ ସହ ଚାଲି ଯାଇଥିବାରୁ ମଙ୍ଗୁଳି ଗତକାଲିଠାରୁ ରଶି ଧରି ଆତ୍ମହତ୍ୟା କରିବେ ବୋଲି କହି ବୁଲୁଥିଲେ। ମାନସିକ ଭାରସାମ୍ୟ ହରାଇ ରାତିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

### ଭାଜପା ବଳଦେବଜୀଉ ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

ଭଦ୍ରକ,୧୨।୪(ସନାତନ ରାଉତ): ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟଠାରେ ଭଣ୍ଡାରିପୋଖରୀ ବ୍ଲକ ବଳଦେବଜୀଉ ମଣ୍ଡଳ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ ବର୍ଗକୁ ଜିଲା ସଭାପତି ଭଗବାନ ପଣ୍ଡା ଉଦ୍‌ଘାଟନ କରିଥିଲେ। ଡା. ସୁଧାଂଶୁ ନାୟକ, ତପନ ମହାନ୍ତି, ତପସ୍ୱିନୀ ମହାପାତ୍ର, ଅମୂଲ୍ୟ ନାୟକ, ଅମ୍ବିକା ଦାସ, ବାଦଲ ପଣ୍ଡା, ରଞ୍ଜିତା ସ୍ୱାଇଁ ପ୍ରମୁଖ ଦଳ ଗଠନର ଆଭିମୁଖ୍ୟ, ରାଷ୍ଟ୍ରବାଦ ଚିନ୍ତାଧାରା ଓ ଦଳର ବିଚାରଧାରା ଉପରେ ପ୍ରଶିକ୍ଷଣ ଦେଇଥିଲେ। ମଣ୍ଡଳ ସଭାପତି ରଞ୍ଜନ ପରିଡ଼ା, ଶ୍ରୀଧର ସ୍ୱାଇଁ, ଅବିନାଶ ନାୟକ, ରାକେଶ ସାମଲ, ସୂରଜ ଦାସ ସତ୍ର ସଞ୍ଚାଳନ କରିଥିବା ବେଳେ ମଣ୍ଡଳ ପ୍ରଭାରୀ କିଶୋର କିଙ୍କର ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର,୧୨।୪(ଦେବେନ୍ଦ୍ର ଆଦିଆ): ଧାମନଗର ବ୍ଲକ ଫଳପୁରସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ତପସ୍ୱିନୀ ନାୟକଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅଭିଷେକ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଶିକ୍ଷକ ଅନନ୍ତ ମିଶ୍ର ବେଦ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ବିଦାୟ ସଙ୍ଗୀତ ଗାନ କରି ଶିକ୍ଷୟିତ୍ରୀ ନାୟକଙ୍କ ସହ ଥିବା ସ୍ମୃତିକୁ ମନେ ପକାଇଥିଲେ। ସହକାରୀ ଶିକ୍ଷକ ଅବନୀ ରାଉତ, ତପନ ପଲ୍, ମନୋରଞ୍ଜନ ଦାସ, ପ୍ରଫୁଲ୍ଲ ସାହୁ, ପ୍ରଦୀପ ପତି, ମିନତି ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ନାୟକଙ୍କ କର୍ତ୍ତବ୍ୟପରାୟଣତା ଏବଂ ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ। ଜୟସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଭଣ୍ଡାରିପୋଖରୀ,୧୨।୪(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ଜଳହରିଠାରେ ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ଗତ ୪ ତାରିଖଠାରୁ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରବଚକ ଭାବେ ଭଦ୍ରକର ହିମାଂଶୁ ଦାସ ମହାରାଜ, ଜଗତ୍‌ସିଂହପୁରର ସୁଶ୍ରୀ ଅନୁପମା ବିଶ୍ୱାଳ, ସନ୍ଥ ମନୋହର ଦାସ ମହାରାଜ, କଟକର ମାନସ ଦାସ, ଭୁବନେଶ୍ୱରର କମଳଲୋଚନ ମହାରାଜ ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ। ବ୍ୟାସ ରଘୁରାମ ମିଶ୍ର, ଉପନ୍ୟାସ ନିଶିଥ କୁମାର ପତି ଏବଂ ଭଜନ ଶିଳ୍ପୀ ଧରଣୀଧର ଦାସ ଓ ଧନେଶ୍ୱର ଓଝା ଯୋଗ ଦେଇଥିଲେ। ଶ୍ରୀରାମ ସେବା ସମିତିର ସମସ୍ତ ସଭ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ଜବରଦଖଲରେ ଅନ୍ଧାରି ନାଳ

## ଜବରଦଖଲ ଉଚ୍ଛେଦ ସହ ଉନ୍ନତୀକରଣ ଦାବି

ବଉଳା,୧୨।୪(ଦୁର୍ଗା ପ୍ରସାଦ ଆୟଚ)


ଅନ୍ଧାରି ନାଳ।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଢ଼ିଆରିପଲ୍ଲି ଗ୍ରାମ ଦେଇ ଯାଇଥିବା ଚିରସ୍ରୋତା ଅନ୍ଧାରି ନାଳ ସଙ୍କୁଚିତ ହୋଇ ଶ୍ରୀହୀନ ହୋଇପଡ଼ିଛି। ପୂର୍ବରୁ ଉକ୍ତ ନାଳ ପାଣି ଲୋକେ ପିଇବା ପାଇଁ ବ୍ୟବହାର କରୁଥିଲେ। ମାତ୍ର ଏବେ ଜବରଦଖଲ ହୋଇ ସଙ୍କୁଚିତ ହେବା ସହ ପ୍ରଦୂଷିତ ହୋଇଯାଇଥିବାରୁ ବ୍ୟବହାର ଯୋଗ୍ୟ ହେଉନାହିଁ। ସରକାରଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ ସହ ଉନ୍ନତୀକରଣ କରି ଚାଷ ଉପଯୋଗୀ କରିବାକୁ ଜନପ୍ରତିନିଧିଙ୍କ ସହ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ଉକ୍ତ ନାଳରେ ବର୍ଷ ତମାମ ଜଳ ପ୍ରବାହ ରହୁଥିବା ବେଳେ ବଉଳା ପାହାଡ଼ ପାଣି ନାଳରେ ପ୍ରବାହିତ ହେଉଛି। ଖରାଦିନରେ ପାଣିର ସ୍ରୋତ କମ୍ ରହୁଛି। ଫଳରେ ଲୋକେ ନାଳରେ ବଡ଼ ଗର୍ତ୍ତ କରି ପାଣି ବ୍ୟବହାର କରିଥାଆନ୍ତି। ବିଶେଷକରି ଶହେବର୍ଷ ଧରି ଏହି ନାଳ ବ୍ୟବହାର ହୋଇଆସୁଥିବା ବେଳେ ପିଇବା ପାଣି ଭାବେ ମଧ୍ୟ ଲୋକେ ବ୍ୟବହାର କରୁଥିଲେ। ସମୟ କ୍ରମେ ମେଗା ପାନୀୟ ଜଳପ୍ରକଳ୍ପ ଓ ନାଳ ପ୍ରଦୂଷିତ କାରଣରୁ ବ୍ୟବହାର ହେଉନାହିଁ। ଏବେ ଅନ୍ଧାରି ନାଳକୁ ଶୁଦ୍ଧିକ୍ରିୟା କାମରେ ବ୍ୟବହାର କରାଯାଉଛି। ନାଳର ୨ ପାର୍ଶ୍ୱ ଆଡ଼ିକୁ କେତେଜଣ ଜବରଦଖଲ କରି ରଖିଛନ୍ତି। ଫଳରେ ଏହାକୁ ନେଇ ବାରମ୍ବାର ବ୍ଲକ୍, କ୍ଷୁଦ୍ର ଜଳସେଚନ ବିଭାଗରେ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଅନେକ ଲକ୍ଷ ଟଙ୍କା ବ୍ୟୟରେ ପଢ଼ିଆରିପଲ୍ଲୀ ପଞ୍ଚାୟତ ନିକଟରେ ଏକ ଚେକ୍‌ଡ୍ୟାମ କରାଯାଇଥିଲେ ବି ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ପାଣି ଗଚ୍ଛିତ କରି ଚାଷକାର୍ଯ୍ୟରେ ବ୍ୟବହାର କରାଯାଇପାରୁନାହିଁ। ନାଳର ୨ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇ ପଥର ପ୍ୟାକିଂ, ଉନ୍ନତୀକରଣ କରିବାକୁ ଦାବି ହୋଇଛି। ଏଥିସହ ଉନ୍ନତମାନର ଚେକ୍‌ଡ୍ୟାମ କରି ଚାଷଜମିକୁ ଯାତାୟାତ ଓ ଟ୍ରାକ୍ଟର ନେବାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ସରପଞ୍ଚ ଅଜିତ୍ ନାୟକ, ପୂର୍ବତନ ସରପଞ୍ଚ ବିଷ୍ଣୁପଦ ନାୟକ, ହରିବଲ୍ଲଭ ନାୟକ, ନିରୁପମା ପାତ୍ରଙ୍କ ସମେତ ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର ରାଉତ, ହରିହର ସାହୁ, ଗୋଲଖ ରାଉତ, ସନାତନ ରାଉତ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ରଞ୍ଜନ ପରିଡ଼ା କହିଛନ୍ତି।

# ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ)

ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶ ପାଇଁ ମଧ୍ୟସ୍ଥତା-୨.୦ ଅଭିଯାନ ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ, ସୋର, ଜଳେଶ୍ୱର, ନୀଳଗିରି ଏବଂ ବସ୍ତା ତାଲୁକ ଆଇନସେବା ସମିତିରେ ଚାଲିଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଚେକ୍ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ସମ୍ପତ୍ତି ବଣ୍ଟନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟିକ ଅଦାଲତରେ ବିଚାରାଧୀନ ମାମଲା, ନିଯୁକ୍ତି ସମ୍ପର୍କିତ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କିତ ବିବାଦ, ଚୁକ୍ତି ଅଧିନିୟମ ସମ୍ପର୍କିତ ବିବାଦ ଏବଂ ଖାଉଟି ଅଦାଲତରେ ଥିବା ବିବାଦର ଆପୋଷ ସହମତି ଭିତ୍ତିରେ ସମାଧାନ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲାଗୁଡ଼ିକର ଦ୍ରୁତ ସାମାଧାନ କରାଇନେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

## ସଙ୍କଟମୋଚନଙ୍କ ମନ୍ଦିର ପ୍ରତିଷ୍ଠା, ବାର୍ଷିକୋତ୍ସବ

ବାଲେଶ୍ୱର,୧୨।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)



ବାଲେଶ୍ୱର ଜିଲା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ପାଖରସାହିଁ ଗ୍ରାମରେ ବାବା ସଙ୍କଟ ମୋଚନଙ୍କ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବସବ୍ୟାପୀ ବୈଦିକ ରୀତିରେ ହୋମଯଜ୍ଞ ସହ ପୂଜା ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ସାମୂହିକ ହନୁମାନ ଚାଳିଶା ପାଠ କରିଥିଲେ। ସନ୍ଧ୍ୟାରେ କୁଳମଣି ସାମଲ ଓ ସାଥୀଙ୍କ ସହଯୋଗରେ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ମନ୍ଦିର କମିଟିର ବନଲତା ଦାସ, ସ୍ମୃତି ସାମଲ, ଦିଲୀପ ସ, ସୌମିତ ସାମଲ, ମନୋରଞ୍ଜନ ସାମଲ, ବାସନ୍ତୀମଣି ଦାସ, ବଂଶୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାଳିକ, ଅମର ପାତ୍ର, ରବୀନ୍ଦ୍ର ପରିଡ଼ା, ହରିଦାସ ଆଚାର୍ଯ୍ୟ, ସତ୍ୟନାରାୟଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ମୋଗଲ ତାମସା ମଞ୍ଚସ୍ଥ


ମୋଗଲ ତାମସା କଳାକାରମାନେ।

ଧାମନଗର,୧୨।୪ (ଦୀନକୃଷ୍ଣ ମହାପାତ୍ର) ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲାର ପିପିଲିଠାରେ ରାଜ୍ୟସ୍ତରୀୟ ଲୋକକଳା ଉତ୍ସବରେ ଭଦ୍ରକ ଜିଲା ଧାମନଗର ବ୍ଲକ ବନ୍ଧଟିଆ ଲୋକକଳା ଗ୍ରାମରେ ଥିବା 'ସଂସ୍କୃତିକା' ଅନୁଷ୍ଠାନ ଦ୍ୱାରା ଲୋକ ସଂସ୍କୃତି ଗବେଷକ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ମୋଗଲ ତାମସା ପରିବେଷଣ ହୋଇଥିଲା। ପିପିଲି ଖେଳପଡ଼ିଆରେ ଉଦ୍‌ଯାପନୀ ସଭାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଅତିରିକ୍ତ ସଚିବ ଡ. ସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ଲୋକ କଳାକାରମାନଙ୍କୁ ପ୍ରଶଂସା କରିଥିଲେ।

### ଘରେ ପଶି ଟଙ୍କା, ସୁନା ଚୋରି

ସୋର, ୧୨।୪ (ଜନ୍ମେଜୟ ମିଶ୍ର) : ସୋର ଥାନା ଅନ୍ତର୍ଗତ ସବିରା ପଞ୍ଚାୟତର ବାଉଁଶ ଖୁଣ୍ଟା ଗ୍ରାମରେ ଯାତ୍ରା ଦେଖିବାକୁ ଯାଇଥିବା ସୁଯୋଗ ନେଇ ଜଣଙ୍କ ଘରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଶନିବାର ରାତିରେ ଯାତ୍ରା ଦେଖିବା ପାଇଁ ଗ୍ରାମର ସଞ୍ଜୟ ମାଝିଙ୍କ ପରିବାରର ସମସ୍ତ ସଦସ୍ୟ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ପଛପଟେ ତାରଜାଲି ଡେଇଁ ଦୁଇଟି ଘରର ୬ଟି ତାଲା ଭାଙ୍ଗି ଦୁଇଟି ଗଡରେଜରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନା ରୁପା ଗହଣା ସହିତ ନଗଦ ଟଙ୍କା ଓ ଏକ ପାଣି ମଟର ଚୋରି କରି ନେଇଛନ୍ତି। ସଞ୍ଜୟ ଭୋର ସମୟରେ ଘରକୁ ଆସି ଏହା ଜାଣିପାରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ।

### ଶ୍ରମିକନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ): ବାଲେଶ୍ୱର ଷ୍ଟେଶନ କ୍ଲବ୍ ସଭାଗୃହରେ ଶନିବାର ଦିବଂଗତ ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ ଦାସଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯୋଗେନ୍ ଦାସ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ଅଧ୍ୟକ୍ଷତା କରି ସ୍ୱର୍ଗତ ଦାସ ବାଲେଶ୍ୱରରେ ଅସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରି ବହୁସଂଗ୍ରାମର ନେତୃତ୍ୱ ନେଇଥିଲେ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ସମ୍ପାଦକ ସମ୍ବିତ ନନ୍ଦି, କବି ଡ. କାଳିପଦ ପଣ୍ଡା, ଡା. ଶାନ୍ତନୁ ଦାସ, ଅଧ୍ୟାପକ ଅଭୟ ଦାସ, କାହ୍ନୁଚରଣ ଦାସ, ଅଧ୍ୟାପକ ହରେକୃଷ୍ଣ ପଲେଇ, କବି ଅଭୟ ଦାସ, ଜ୍ୟୋତିର୍ମୟୀ ଦାସ, ମହମ୍ମଦ ଇସଲାମ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶ୍ରମିକ ଆନ୍ଦୋଳନରେ ସେ ନେତୃତ୍ୱ ନେଇ ବହୁବାର କାରାବରଣ କରିଥିଲେ। ସେ ଜଣେ ସୁସଂଗଠକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁନହଟରେ ତାଙ୍କ ନାମରେ ଏକ ସଡ଼କକୁ ନାମିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ତାପସ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରଶିକ୍ଷଣ ନେଲେ ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା

ତିହିଡ଼ି,୧୨।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଭାଜପା ସାହାଡ଼ାଶୁଣୀ ମଣ୍ଡଳ ପକ୍ଷରୁ ବାରୁଣୀପୋଖରୀସ୍ଥିତ କଲ୍ୟାଣ ମଣ୍ଡପରେ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅବସରରେ ଆୟୋଜିତ ଦୁଇଦିନିଆ କର୍ମଶାଳା ପ୍ରାରମ୍ଭରେ ଜିଲା ଉପସଭାପତି ରଘୁନାଥ ପାତ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ମଣ୍ଡଳ ସଭାପତି କେଶବ ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ଜିଲା ସଭାପତି ଭଗବାନ ପଣ୍ଡା, ଉପସଭାପତି ଅମୂଲ୍ୟ ନାୟକ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଳୀୟ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବରିଷ୍ଠ ନେତା ସୁଶାନ୍ତ ପଣ୍ଡା ସାମାଜିକ ଗଣମାଧ୍ୟମର ସମ୍ପ୍ରସାରଣ ଓ ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜୟ ମହାପାତ୍ର, ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ପୂର୍ବତନ ସରପଞ୍ଚ ଅଳିଳପ୍ରଭା ରାଉଳ, ବୁଦ୍ଧିରାମ ସେଠୀ, ମନୋରମା ବାରିକ, ରାଜକିଶୋର ନାୟକ, ସରୋଜ ନାୟକ, ବିଜୟ ବଳ ପ୍ରମୁଖ ଯୋଗ ଦେଇଥିଲେ। ଶନିବାର କର୍ମଶାଳା ଉଦ୍‌ଯାପିତ ହୋଇଛି।

# ୨୫ରୁ ପ୍ରସିଦ୍ଧ ମିର୍ଜାପୋଖରୀ ଚନ୍ଦନ ଯାତ୍ରା

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ):

ବାଲେଶ୍ୱର ସହରର ପ୍ରସିଦ୍ଧ ମିର୍ଜା ପୋଖରୀଠାରେ ୧୦୮ତମ ଚନ୍ଦନ ଯାତ୍ରା ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ମେ ୨ ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ଚାଲିବ। ୮ଦିନ ବ୍ୟାପୀ ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିର୍ଜାପୋଖରୀ ଚନ୍ଦନ ଉତ୍ସବ କମିଟି ସଭାପତି ପଦ୍ମଲୋଚନ ଲେଙ୍କା ସୂଚନା ଦେଇଛନ୍ତି।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଏହି ଚନ୍ଦନଯାତ୍ରା ଆୟୋଜିତ ହେଉଛି। କମିଟିର କାର୍ଯ୍ୟକାରୀ ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଏଥିରେ ପୌରୋହିତ୍ୟ କରି ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତି ସନ୍ଧ୍ୟାରେ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଶ୍ରୀ ରାଧାକୃଷ୍ଣଙ୍କ ବିଗ୍ରହକୁ ନାବକୁ ଆଗମନ ପୂର୍ବକ ନାବକେଳି ଅନୁଷ୍ଠିତ ହେବ। ମେଳାରେ ରାମଦୋଳି, ହେଲିକେପ୍ଟର, ବ୍ରେକଡ୍ୟାନ୍ସ ପ୍ରଭୃତି ବିଶେଷ ଆକର୍ଷଣ ସାଜିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଯୁବନେତା ସରୋଜ କୁମାର ଲେଙ୍କା, ଅନୁପ କୁମାର ସ୍ୱାଇଁ, ଶ୍ରୀକାନ୍ତ ବୁଗୁଡାଇ, ଭୁଦେବ ମହାପାତ୍ର, ମନୋଜ କୁମାର ଦାସ, ଅଶୋକ କୁମାର ତ୍ରିପାଠୀ, ନାରାୟଣ ଦତ୍ତ, ବୀରେନ୍ଦ୍ର କୁମାର କର, ଭାରତ ଭୂଷଣ ଦାସ, ସୌର୍ଯ୍ୟ ସୁନ୍ଦର ସେନ, ପ୍ରଭାତ କୁମାର ମହାନ୍ତି, ଅବିନାଶ ସ୍ୱାଇଁ, ରୁଦ୍ର ନାରାୟଣ ଦାସ, ସୁମନ୍ତ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବଦଳିର ୮ ମାସ ପରେ ବି ମାସିକ ବେତନ ପାଉନାହାନ୍ତି

## ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ରାଜସ୍ୱ ସହାୟକ

ଭଣ୍ଡାରିପୋଖରୀ,୧୨।୪(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲରୁ ପଦୋନ୍ନତି ପାଇ ଚାନ୍ଦବାଲି ତହସିଲକୁ ବଦଳି ହୋଇଥିବା ଆଦିବାସୀ ବର୍ଗର ବରିଷ୍ଠ ରାଜସ୍ୱ ସହାୟକ ନରେନ୍ଦ୍ର ପିଙ୍ଗୁଆ ବଦଳିର ୮ ମାସ ପରେ ବି ମାସିକ ବେତନ ପାଉନାହାନ୍ତି। ୨୦୨୫ ଅକ୍ଟୋବର ୧୫ରେ ବିଧିବଦ୍ଧ ଭାବେ ଦାୟିତ୍ୱ ହସ୍ତାନ୍ତର କରି ଚାନ୍ଦବାଲି ତହସିଲରେ ଯୋଗଦେବା ପରେ ଭଣ୍ଡାରିପୋଖରୀ ତହସିଲ ତାଙ୍କ ଶେଷ ବେତନ ପ୍ରମାଣପତ୍ର(ଏଲ୍‌ପିସି) ଦେଉନାହିଁ। ଏଥିପାଇଁ ଭଣ୍ଡାରିପୋଖରୀ ତହସିଲକୁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ସେ ଜିଲା ପ୍ରଶାସନକୁ ଦୁଃଖ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ନରେନ୍ଦ୍ର ନିକଟରେ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସେ ଅଭିଯୋଗରେ ଦର୍ଶାଇଛନ୍ତି, ଜିଲା ପ୍ରଶାସନର ବଦଳି ଆଦେଶକ୍ରମେ ସେ ୨୦୨୪ ନଭେମ୍ବର ୨୦ରେ ଧାମନଗର ତହସିଲରୁ ଭଣ୍ଡାରିପୋଖରୀ ତହସିଲରେ ଯୋଗ ଦେଇଥିଲେ। ସେହି ନଭେମ୍ବର ମାସର ୧୯ ଦିନର ବେତନ ଧାମନଗର ତହସିଲ ପ୍ରଦାନ କରିଥିଲା। ମାତ୍ର ମାସର ଅବଶିଷ୍ଟ ୧୧ ଦିନ ବେତନ ଭଣ୍ଡାରିପୋଖରୀ ତହସିଲ ଏଯାବତ୍ ପ୍ରଦାନ କରିନାହିଁ। ୨୦୨୫ରେ ବାର୍ଷିକ ବର୍ଦ୍ଧିତ ବେତନ ଭଣ୍ଡାରିପୋଖରୀ ତହସିଲ ଧାର୍ଯ୍ୟ କରି ନ ଥିଲା। ଚାନ୍ଦବାଲି ତହସିଲଦାର ଏ ସମ୍ପର୍କରେ ଭଣ୍ଡାରିପୋଖରୀ ତହସିଲଦାରଙ୍କ ସହ ଏହାର ସମାଧାନ ପାଇଁ ବହୁବାର ଯୋଗଯୋଗ କରି ମଧ୍ୟ ବିଫଳ ହୋଇଛନ୍ତି। ଦାୟିତ୍ୱ ହସ୍ତାନ୍ତର ବକେୟା ରହିଥିବାରୁ ଏଲ୍‌ପିସି ଦିଆଯାଉ ନାହିଁ ବୋଲି ଭଣ୍ଡାରିପୋଖରୀ ତହସିଲଦାର ନରେନ୍ଦ୍ରଙ୍କୁ ମୌଖିକ ଭାବେ କହିଥିଲେ। ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ମାନସିକ ନିର୍ଯାତନା ବୋଲି ମାନବାଧିକାର କମିଶନଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ଏପରିକି ଏଭଳି ଅଭିଯୋଗ ପାଇଁ ଆଗକୁ ଆକ୍ରୋଶର ଶିକାର ହେବେ ବୋଲି ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି। ବେତନ ପାଉ ନ ଥିବାରୁ ରୋଗୀଣା ମା'ଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ। ପିଲାଙ୍କ ପାଠପଢ଼ା ସାଙ୍ଗକୁ ମାସିକ କିସ୍ତି ପୈଠ ମଧ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ନରେନ୍ଦ୍ର ଦର୍ଶାଇଛନ୍ତି। ଅପରପକ୍ଷେ ନରେନ୍ଦ୍ର ଦାୟିତ୍ୱ ହସ୍ତାନ୍ତର ସମ୍ପୂର୍ଣ୍ଣ କରି ନ ଥିବାରୁ ଏଲ୍‌ପିସି ଦିଆଯାଇ ନାହିଁ ବୋଲି ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ କହିଛନ୍ତି।

# ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ବାଲେଶ୍ୱର,୧୨।୪
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଓଡ଼ିଆ ପକ୍ଷ ଅବସରରେ ରବିବାର ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ହଲ୍‌ରେ ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ହେମନ୍ତ କୁମାର ସିଂହ ପ୍ରମୁଖ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଗୌରବମୟ ଐତିହ୍ୟ ଏବଂ ବରପୁତ୍ରମାନଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରପୁତ୍ରମାନେ ଦେଶ ବିଦେଶରେ ଓଡ଼ିଶା ଏବଂ ଓଡ଼ିଆମାନଙ୍କର ପରିଚୟ ସୃଷ୍ଟି କରିଛନ୍ତି ବୋଲି ଅତିଥିମାନେ କହିଥିଲେ। ୨ୟ ଅଧିବେଶନରେ ବାଲେଶ୍ୱର ଜିଲାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବେ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ 'ପ୍ରାଚୀନ ଓ ମଧ୍ୟଯୁଗକୁ ବାଲେଶ୍ୱରର ବରପୁତ୍ରଙ୍କ ଅବଦାନ' ବିଷୟବସ୍ତୁ ଉପରେ ବରପୁତ୍ର ଜାନକୀ ବଲ୍ଲଭ କର, ପୁରୁଷୋତ୍ତମ ଦାସ, ପଣ୍ଡିତ ଶ୍ରୀଧର ସ୍ୱାମୀ ଏବଂ ଶ୍ରୀ ବଳଦେବ ବିଦ୍ୟାଭୂଷଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ସାହିତ୍ୟିକ ଡ. ଶିରିଶ ଚନ୍ଦ୍ର ଜେନା ଆଧୁନିକ ଯୁଗକୁ ବାଲେଶ୍ୱରର ବରପୁତ୍ରଙ୍କ ଅବଦାନ ସମ୍ବନ୍ଧରେ କହିଥିଲେ। ଶେଷରେ ଆୟୋଜିତ କବିତା ପାଠୋତ୍ସବରେ ଜିଲାର ୫୦ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଜ୍ୟୋତ୍ସ୍ନା ରାୟ ମହାପାତ୍ର ଓ ପଦ୍ମଲୋଚନ ପ୍ରଧାନ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# 'ସଶକ୍ତ ନାରୀ, ସଶକ୍ତ ଭାରତ' ଉପରେ ଗୁରୁତ୍ୱ

## ୧୬ରୁ ସଂସଦରେ ନାରୀ ଶକ୍ତି ପାଇଁ ବିଶେଷ ଅଧିବେଶନ

ବାଲେଶ୍ୱର, ୧୨।୪(ବାଞ୍ଛାନିଧି ଦେ)



ଖବରଦାତା ସମ୍ମିଳନୀରେ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ଭାଜପା ନେତ୍ରୀ।

ଦେଶରେ ନାରୀମାନଙ୍କ ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ରାଜନୀତି ଆଦି କ୍ଷେତ୍ରରେ ନାରୀମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟମ ସଶକ୍ତ ନାରୀ, ସଶକ୍ତ ଭାରତ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ହୋଟେଲ ରୟାଲ କୁଇନ୍ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଚଳିତ ମାସ ୧୬ ତାରିଖରୁ ୧୮ ତାରିଖ ତିନିଦିନ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତବେଳା ହେବାକୁ ଯାଉଛି ବୋଲି କହିଥିଲେ। ଏହି ତିନିଦିନ ସଂସଦରେ ହେବାକୁ ଥିବା ନାରୀ ସଶକ୍ତି ପାଇଁ ବିଶେଷ ଅଧିବେଶନ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏଥିସହ ଜିଲାସ୍ତରରେ ପଦଯାତ୍ରା, ବାଇକ୍ ଶୋଭାଯାତ୍ରା, ସଭା ସମିତି ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଶେଷ କରି ୭ଟି 'ସ' ଉପରେ ଯଥା ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ସମ୍ମାନଜନକ ନେତୃତ୍ୱ ନାରୀ ଅଧିକାର ଉପରେ ପର୍ଯ୍ୟବେସିତ ବୋଲି ସେ କହିଥିଲେ। ୨୦୨୩ରେ ହୋଇଥିବା ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇଥିବା ବେଳେ ମହିଳାମାନଙ୍କ ପାଇଁ ବେଟି ବଚାଓ, ବେଟି ପଢ଼ାଓ, ଉଜ୍ଜ୍ୱଳା ଯୋଜନା, ପିଏମ୍ ପୋଷଣ, ସୁରକ୍ଷିତ ମାତୃତ୍ୱ ଅଭିଯାନ, ସକ୍ଷମ ଅଙ୍ଗନୱାଡି, ସୁକନ୍ୟା ସମୃଦ୍ଧି ଭଳି ବହୁ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ନାରୀ ଶକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଧ୍ୟକ୍ଷା ମହାନ୍ତି ପ୍ରକାଶ କରିଥିଲେ। ଭାଜପା ନାରୀନେତ୍ରୀ ସିପ୍ରାରେଖା ମହାପାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଔପଦା,୧୨।୪(ଧରିତ୍ରୀ ପଣ୍ଡା): ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଅଘିରାପଦା ପଞ୍ଚାୟତ ଅନ୍ତର୍ଗତ ଅଘିରାପଦା ଦେହୁରୀ ସାହିର ଜଣେ ଯୁବକ ଶନିବାର ଫାଶୀଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ବେଣୁଧର ଦେହୁରୀଙ୍କ ପୁତ୍ର ମଗୁଲି ଦେହୁରୀ (୨୩)। ଶନିବାର ଅଘିରାପଦା ଚିଞ୍ଚିଡ଼ା ବିଲମଝିରେ ଥିବା ନାଗଫେଣି ଠାକୁରାଣୀ ମନ୍ଦିରର ଅଳ୍ପ ଦୂରରେ ଏକ ଶାଳ ଗଛରେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ଶାଳ ଗଛର ଝୁଲନ୍ତା ମୃତଦେହକୁ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ସଦଳ ବଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବଡ଼ ଭାଇ ରତ୍ନାକର ଦେହୁରୀଙ୍କ ଶୁଦ୍ଧି କ୍ରିୟା ପାଇଁ ମଗୁଲି ଦେହୁରୀ ଘରକୁ ଆସିଥିଲେ। ତାଙ୍କ ସ୍ତ୍ରୀ ଶଶୁର ଘର ନୀଳଗିରି ଥାନା ଅଞ୍ଚଳରେ ଅନ୍ୟ ଜଣଙ୍କ ସହ ଚାଲି ଯାଇଥିବାରୁ ମଗୁଲି ଗତକାଲିଠାରୁ ରଶି ଧରି ଆତ୍ମହତ୍ୟା କରିବେ ବୋଲି କହି ବୁଲୁଥିଲେ। ମାନସିକ ଭାରସାମ୍ୟ ହରାଇ ରାତିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ଗୁରୁତରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାଟଣା,୧୨।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସରାସପଶି ନିକଟରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ହୋଇଥିବା ତୁରୁମୁଙ୍ଗା ଗ୍ରାମର ଅରୁଣ ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶନିବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ରେମାଳ ଡ୍ୟାମ୍‌ରେ ବୁଡ଼ି ଯୁବକ ନିଖୋଜ

ଢେଙ୍କିକୋଟ,୧୨।୪(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ରେମାଳୀ ଡ୍ୟାମକୁ ଭୋଜି କରିବାକୁ ଆସି ଡ୍ୟାମରେ ବୁଡ଼ି ଜଣେ ଯୁବକ ରବିବାର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ ଘସିପୁରା ଥାନା ଅନ୍ତର୍ଗତ ଖାଲପାଳ ଗ୍ରାମର ଠାଙ୍ଗୁରୁ ମୁଣ୍ଡାଙ୍କ ପୁଅ ରାଜେଶ ମୁଣ୍ଡା(୨୨)। ଖବରରୁ ଜଣାପଡିଛି, ରବିବାର ପୂର୍ବାହ୍ନରେ ଖାଲପାଳ ଅଞ୍ଚଳର ୭ ଜଣ ଯୁବକ ଭୋଜି କରିବା ପାଇଁ ରେମାଳ ଡ୍ୟାମକୁ ଆସିଥିଲେ। ରୋଷେଇ ସାରି ଡ୍ୟାମକୁ ସାଙ୍ଗଙ୍କ ସହ ରାଜେଶ ଗାଧୋଇବା ପାଇଁ ଯାଇଥିଲେ। ରାଜେଶ ଗଭୀର ଜଳରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରି ନ ପାଇବାରୁ ଘସିପୁରା ଦମକଳ ବାହିନୀ ଓ ହରିଚନ୍ଦନପୁର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଖୋଜିଥିଲେ। କୌଣସି ପତ୍ତା ନ ମିଳିବାରୁ ଦମକଳ ବାହିନୀ ଓ ହରିଚନ୍ଦନପୁର ପୋଲିସ ନିରାଶ ହୋଇ ଫେରି ଯାଇଥିବା ଜଣାପଡ଼ିଛି। ହରିଚନ୍ଦନପୁର ଥାନା ଆଇଆଇସି ମଧୁମିତାଲି ବିଶ୍ୱାଳ କହିଛନ୍ତି, ରବିବାର ରାତି ହୋଇଯିବାରୁ କର୍ମଚାରୀ ପଳାଇଆସିଥିଲେ। ସୋମବାର ପୁନର୍ବାର ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିବ। ଏ ନେଇ ରାଜେଶଙ୍କ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

### ଭାଜପା ବଳଦେବଜୀଉ ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

ଭଦ୍ରକ,୧୨।୪(ସନାତନ ରାଉତ): ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟଠାରେ ଭଣ୍ଡାରିପୋଖରୀ ବ୍ଲକ ବଳଦେବଜୀଉ ମଣ୍ଡଳ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ ବର୍ଗକୁ ଜିଲା ସଭାପତି ଭଗବାନ ପଣ୍ଡା ଉଦ୍‌ଘାଟନ କରିଥିଲେ। ଡା. ସୁଧାଂଶୁ ନାୟକ, ତପନ ମହାନ୍ତି, ତପସ୍ୱିନୀ ମହାପାତ୍ର, ଅମୂଲ୍ୟ ନାୟକ, ଅମ୍ବିକା ଦାସ, ବାଦଲ ପଣ୍ଡା, ରଞ୍ଜିତା ସ୍ୱାଇଁ ପ୍ରମୁଖ ଦଳ ଗଠନର ଆଭିମୁଖ୍ୟ, ରାଷ୍ଟ୍ରବାଦ ଚିନ୍ତାଧାରା ଓ ଦଳର ବିଚାରଧାରା ଉପରେ ପ୍ରଶିକ୍ଷଣ ଦେଇଥିଲେ।

# ଜବରଦଖଲରେ ଅନ୍ଧାରି ନାଳ

## ଜବରଦଖଲ ଉଚ୍ଛେଦ ସହ ଉନ୍ନତୀକରଣ ଦାବି

ବଉଳା,୧୨।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଡ଼ିଆରିପଲ୍ଲି ଗ୍ରାମ ଦେଇ ଯାଇଥିବା ଚିରସ୍ରୋତା ଅନ୍ଧାରି ନାଳ ସଙ୍କୁଚିତ ହୋଇ ଶ୍ରୀହୀନ ହୋଇପଡ଼ିଛି। ପୂର୍ବରୁ ଉକ୍ତ ନାଳ ପାଣି ଲୋକେ ପିଇବା ପାଇଁ ବ୍ୟବହାର କରୁଥିଲେ। ମାତ୍ର ଏବେ ଜବରଦଖଲ ହୋଇ ସଙ୍କୁଚିତ ହେବା ସହ ପ୍ରଦୂଷିତ ହୋଇଯାଇଥିବାରୁ ବ୍ୟବହାର ଯୋଗ୍ୟ ହେଉନାହିଁ। ସରକାରଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ ସହ ଉନ୍ନତୀକରଣ କରି ଚାଷ ଉପଯୋଗୀ କରିବାକୁ ଜନପ୍ରତିନିଧିଙ୍କ ସହ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ଉକ୍ତ ନାଳରେ ବର୍ଷ ତମାମ ଜଳ ପ୍ରବାହ ରହୁଥିବା ବେଳେ ବଉଳା ପାହାଡ଼ ପାଣି ନାଳରେ ପ୍ରବାହିତ ହେଉଛି। ଖରାଦିନରେ ପାଣିର ସ୍ରୋତ କମ୍ ରହୁଛି। ଫଳରେ ଲୋକେ ନାଳରେ ବଡ଼ ଗର୍ତ୍ତ କରି ପାଣି ବ୍ୟବହାର କରିଥାଆନ୍ତି। ବିଶେଷକରି



ଅନ୍ଧାରି ନାଳ।

ଶହେବର୍ଷ ଧରି ଏହି ନାଳ ବ୍ୟବହାର ହୋଇଆସୁଥିବା ବେଳେ ପିଇବା ପାଣି ଭାବେ ମଧ ଲୋକେ ବ୍ୟବହାର କରୁଥିଲେ। ସମୟ କ୍ରମେ ମେଗା ପାନୀୟ ଜଳପ୍ରକଳ୍ପ ଓ ନାଳ ପ୍ରଦୂଷିତ କାରଣରୁ ବ୍ୟବହାର ହେଉନାହିଁ। ଏବେ ଅନ୍ଧାରି ନାଳକୁ ଶୁଦ୍ଧିକ୍ରିୟା କାମରେ ବ୍ୟବହାର କରାଯାଉଛି। ନାଳର ୨ ପାର୍ଶ୍ୱ ଆଡ଼ିକୁ କେତେଜଣ ଜବରଦଖଲ କରି ରଖିଛନ୍ତି। ଫଳରେ ଏହାକୁ ନେଇ ବାରମ୍ବାର ବ୍ଲକ୍, କ୍ଷୁଦ୍ର ଜଳସେଚନ ବିଭାଗରେ ଅଭିଯୋଗ ହୋଇଥିଲେ ମଧ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଅନେକ ଲକ୍ଷ ଟଙ୍କା ବ୍ୟୟରେ ପଡ଼ିଆରିପଲ୍ଲୀ ପଞ୍ଚାୟତ ନିକଟରେ ଏକ ଚେକ୍‌ଡ୍ୟାମ କରାଯାଇଥିଲେ ବି ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ପାଣି ଗଚ୍ଛିତ କରି ଚାଷକାର୍ଯ୍ୟରେ ବ୍ୟବହାର କରାଯାଇପାରୁନାହିଁ। ନାଳର ୨ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇ ପଥର ପ୍ୟାକିଂ, ଉନ୍ନତୀକରଣ କରିବାକୁ ଦାବି ହୋଇଛି। ଏଥିସହ ଉନ୍ନତମାନର ଚେକ୍‌ଡ୍ୟାମ କରି ଚାଷଜମିକୁ ଯାତାୟାତ ଓ ଟ୍ରାକ୍ଟର ନେବାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ସରପଞ୍ଚ ଅଜିତ୍ ନାୟକ, ପୂର୍ବତନ ସରପଞ୍ଚ ବିଷ୍ଣୁପଦ ନାୟକ, ହରିବଲ୍ଲଭ ନାୟକ, ନିରୁପମା ପାତ୍ରଙ୍କ ସମେତ ପୂର୍ବତନ ସମିତିସଭ୍ୟ ରାଜେନ୍ଦ୍ର ରାଉତ, ହରିହର ସାହୁ, ଗୋଲଖ ରାଉତ, ସନାତନ ରାଉତ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ରଞ୍ଜନ ପରିଡ଼ା କହିଛନ୍ତି।

## ମହୋତ୍ସବ ଦ୍ୱାରା ସ୍ଥାନୀୟ କଳାକାରଙ୍କ ପ୍ରତିଭା ଲୋକଲୋଚନକୁ ଆସେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି।

### ଆନନ୍ଦପୁର ମହୋତ୍ସବ ଉଦ୍‌ଯାପିତ

ଆନନ୍ଦପୁର/ବଞ୍ଚୋ,୧୨।୪(ସୁଶାନ୍ତ ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଆନନ୍ଦପୁର ଅଞ୍ଚଳର ସାଂସ୍କୃତିକ ପରମ୍ପରା ଓ ଏକତାକୁ ପ୍ରଶଂସା କରିଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ଏହି ପ୍ରକାରର ମହୋତ୍ସବ ମାଧ୍ୟମରେ ସ୍ଥାନୀୟ କଳାକାର ପ୍ରତିଭା ଦେଖାଇବାର ସୁଯୋଗ ପାଉଛନ୍ତି। ସ୍ଥାନୀୟ କଳାକାରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିଥାଏ। ସେ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ମଧ ପୁନରୁଚ୍ଚାରଣ କରିଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷ ନୀଳମାଧବ ସୁନାଙ୍କ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଫକୀର ଚରଣ ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାର୍ଥ ମହାପାତ୍ର ଓ ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାପାଳ ବିଶାଳ ସିଂ ଉପସ୍ଥିତ ଥିଲେ। ଶେଷ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ଓ ସଙ୍ଗୀତ ଆଦି ଦ୍ୱାରା ପରିବେଶ ଉତ୍ସବ ମୟ ହୋଇ ଉଠିଥିଲା। ସ୍ଥାନୀୟ ଲୋକଙ୍କ ବ୍ୟାପକ ଭିଡ଼ ଓ ଉତ୍ସାହ ମଧ୍ୟରେ ଆନନ୍ଦପୁର ମହୋତ୍ସବର ଶୁଭ ସମାପନ ହୋଇଛି।

### ଶାଳପଡ଼ା ଅଣ୍ଡରପାସ ଉଦ୍‌ଘାଟିତ

ଆନନ୍ଦପୁର/ବଞ୍ଚୋ,୧୨।୪(ସୁଶାନ୍ତ ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ାଠାରେ ନୂତନ ଏନ୍‌ଏଚ୍-୨୦ର ପାଣିକୋଇଲି-କେନ୍ଦୁଝର ନବନିର୍ମିତ ଅଣ୍ଡରପାସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ଅବସରରେ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଟ୍ରାଫିକ୍ ସମସ୍ୟା ହ୍ରାସ କରିବା ସହ ସୁଗମ ପରିବହନ କରିବ। ଏଥିସହିତ ସ୍ଥାନୀୟ ଲୋକଙ୍କ ପାଇଁ ସୁରକ୍ଷିତ ପଦଯାତ୍ରା କ୍ରସିଂ ମଧ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲାର ବହୁ ନେତା, ଜିଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରମିକନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ): ବାଲେଶ୍ୱର ଷ୍ଟେଶନ କ୍ଲବ୍ ସଭାଗୃହରେ ଶନିବାର ଦିବଂଗତ ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ ଦାସଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯୋଗେନ୍ ଦାସ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ଅଧ୍ୟକ୍ଷତା କରି ସ୍ୱର୍ଗତ ଦାସ ବାଲେଶ୍ୱରରେ ଅସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରି ବହୁ ସଂଗ୍ରାମର ନେତୃତ୍ୱ ନେଇଥିଲେ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ସମ୍ପାଦକ ସମ୍ବିତ ନନ୍ଦି, କବି ଡ. କାଳିପଦ ପଣ୍ଡା, ଡା. ଶାନ୍ତନୁ ଦାସ, ଅଧାପକ ଅଭୟ ଦାସ, କାହ୍ନୁଚରଣ ଦାସ, ଅଧାପକ ହରେକୃଷ୍ଣ ପଲେଇ, କବି ଅଭୟ ଦାସ, ଜ୍ୟୋତିର୍ମୟୀ ଦାସ, ମହମ୍ମଦ ଇସଲାମ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶ୍ରମିକ ଆନ୍ଦୋଳନରେ ସେ ନେତୃତ୍ୱ ନେଇ ବହୁବାର କାରାବରଣ କରିଥିଲେ। ସେ ଜଣେ ସୁସଂଗଠକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁନହଟରେ ତାଙ୍କ ନାମରେ ଏକ ସଡ଼କକୁ ନାମିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ତାପସ ସାହୁ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଯୁବ, ଶ୍ରମ ବିକାଶ ମଞ୍ଚ

କେନ୍ଦୁଝର,୧୨।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଆସି ଶନିବାର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ୫ ଶହ କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହିତ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼, ସବୁଜିମା ବଳୟ ସୃଷ୍ଟି, ଗବେଷଣାକୁ ଅଧିକ କ୍ରିୟାଶୀଳ କରିବା ସହ ଆହୁରି ୩୫ ଏକର ଜମି ଯୋଗାଇବା ପାଇଁ ସେ ଘୋଷଣା



ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

କରିଛନ୍ତି। ଘୋଷଣା ପରେ ରବିବାର ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପଦେଷ୍ଟା ନବୀନ କୁମାର ପଲେଇ, ସଦସ୍ୟ ସୁରଥ ମହାନ୍ତ, ରଞ୍ଜନ ମହାନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ବାଲେଶ୍ୱର,୧୨।୪
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଓଡ଼ିଆ ପକ୍ଷ ଅବସରରେ ରବିବାର ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ହଲ୍‌ରେ ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ହେମନ୍ତ କୁମାର ସିଂହ ପ୍ରମୁଖ ଯୋଗଦେଇ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଗୌରବମୟ ଐତିହ୍ୟ ଏବଂ ବରପୁତ୍ରମାନଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରପୁତ୍ରମାନେ ଦେଶ ବିଦେଶରେ ଓଡ଼ିଶା ଏବଂ ଓଡ଼ିଆମାନଙ୍କର ପରିଚୟ ସୃଷ୍ଟି କରିଛନ୍ତି ବୋଲି ଅତିଥିମାନେ କହିଥିଲେ।

୨ୟ ଅଧିବେଶନରେ ବାଲେଶ୍ୱର ଜିଲାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବେ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ 'ପ୍ରାଚୀନ ଓ ମଧ୍ୟଯୁଗକୁ ବାଲେଶ୍ୱରର ବରପୁତ୍ରଙ୍କ ଅବଦାନ' ବିଷୟବସ୍ତୁ ଉପରେ ବରପୁତ୍ର ଜାନକୀ ବଲ୍ଲଭ କର, ପୁରୁଷୋତ୍ତମ ଦାସ, ପଣ୍ଡିତ ଶ୍ରୀଧର ସ୍ୱାମୀ ଏବଂ ଶ୍ରୀ ବଳଦେବ ବିଦ୍ୟାଭୂଷଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ସାହିତ୍ୟିକ ଡ. ଶିରିଶ ଚନ୍ଦ୍ର ଜେନା ଆଧୁନିକ ଯୁଗକୁ ବାଲେଶ୍ୱରର ବରପୁତ୍ରଙ୍କ ଅବଦାନ ସମ୍ବନ୍ଧରେ କହିଥିଲେ। ଶେଷରେ ଆୟୋଜିତ କବିତା ପାଠୋତ୍ସବରେ ଜିଲାର ୫୦ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଜ୍ୟୋତ୍ସ୍ନା ରାୟ ମହାପାତ୍ର ଓ ପଦ୍ମଲୋଚନ ପ୍ରଧାନ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ)

ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶ ପାଇଁ ମଧ୍ୟସ୍ଥତା-୨.୦ ଅଭିଯାନ ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ, ସୋର, ଜଳେଶ୍ୱର, ନୀଳଗିରି ଏବଂ ବସ୍ତା ତାଲୁକ ଆଇନସେବା ସମିତିରେ ଚାଲିଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଚେକ୍ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ସମ୍ପତ୍ତି ବଣ୍ଟନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟିକ ଅଦାଲତରେ ବିଚାରାଧୀନ ମାମଲା, ନିଯୁକ୍ତି ସମ୍ପର୍କିତ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କିତ ବିବାଦ, ଚୁକ୍ତି ଅଧିନିୟମ ସମ୍ପର୍କିତ ବିବାଦ ଏବଂ ଖାଉଟି ଅଦାଲତରେ ଥିବା ବିବାଦର ଆପୋଷ ସହମତି ଭିତ୍ତିରେ ସମାଧାନ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲାଗୁଡ଼ିକର ତ୍ୱରିତ ସାମାଧାନ କରାଇନେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

## ସଙ୍କଟମୋଚନଙ୍କ ମନ୍ଦିର ପ୍ରତିଷ୍ଠା, ବାର୍ଷିକୋତ୍ସବ

ବାଲେଶ୍ୱର,୧୨।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)



ବାଲେଶ୍ୱର ଜିଲା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ପାଖରସାଉଁ ଗ୍ରାମରେ ବାବା ସଙ୍କଟ ମୋଚନଙ୍କ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବସବ୍ୟାପୀ ବୈଦିକ ରୀତିରେ ହୋମଯଜ୍ଞ ସହ ପୂଜା ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ସାମୂହିକ ହନୁମାନ ଚାଳିଶା ପାଠ କରିଥିଲେ। ସନ୍ଧ୍ୟାରେ କୁଳମଣି ସାମଲ ଓ ସାଥୀଙ୍କ ସହଯୋଗରେ ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ମନ୍ଦିର କମିଟିର ବନଲତା ଦାସ, ସ୍ମୃତି ସାମଲ, ଦିଲୀପ ସ, ସୌମିତ ସାମଲ, ମନୋରଞ୍ଜନ ସାମଲ, ବାସନ୍ତୀମଣି ଦାସ, ବଂଶୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାଳିକ, ଅମର ପାତ୍ର, ରବୀନ୍ଦ୍ର ପରିଡ଼ା, ହରିଦାସ ଆଚାର୍ଯ୍ୟ, ସତ୍ୟନାରାୟଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରଶିକ୍ଷଣ ନେଲେ ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା

ତିହିଡ଼ି,୧୨।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଭାଜପା ସାହାଡ଼ାଶୁଣୀ ମଣ୍ଡଳ ପକ୍ଷରୁ ବାରୁଣୀପୋଖରୀସ୍ଥିତ କଲ୍ୟାଣ ମଣ୍ଡପରେ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅବସରରେ ଆୟୋଜିତ ଦୁଇଦିନିଆ କର୍ମଶାଳା ପ୍ରାରମ୍ଭରେ ଜିଲା ଉପସଭାପତି ରଘୁନାଥ ପାତ୍ର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ମଣ୍ଡଳ ସଭାପତି କେଶବ ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ଜିଲା ସଭାପତି ଭଗବାନ ପଣ୍ଡା, ଉପସଭାପତି ଅମୂଲ୍ୟ ନାୟକ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଳୀୟ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବରିଷ୍ଠ ନେତା ସୁଶାନ୍ତ ପଣ୍ଡା ସାମାଜିକ ଗଣମାଧ୍ୟମର ସମ୍ପ୍ରସାରଣ ଓ ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜୟ ମହାପାତ୍ର, ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ପୂର୍ବତନ ସରପଞ୍ଚ ଅଳିପ୍ରଭା ରାଉଳ, ବୁଦ୍ଧିରାମ ସେଠୀ, ମନୋରମା ବାରିକ, ରାଜକିଶୋର ନାୟକ, ସରୋଜ ନାୟକ, ବିଜୟ ବଳ ପ୍ରମୁଖ ଯୋଗ ଦେଇଥିଲେ। ଶନିବାର କର୍ମଶାଳା ଉଦ୍‌ଯାପିତ ହୋଇଛି।

## ୨୫ରୁ ପ୍ରସିଦ୍ଧ ମିର୍ଜାପୋଖରୀ ଚନ୍ଦନ ଯାତ୍ରା

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ):

ବାଲେଶ୍ୱର ସହରର ପ୍ରସିଦ୍ଧ ମିର୍ଜା ପୋଖରୀଠାରେ ୧୦୮ତମ ଚନ୍ଦନ ଯାତ୍ରା ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ମେ ୨ ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ଚାଲିବ। ୮ଦିନ ବ୍ୟାପୀ ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିର୍ଜାପୋଖରୀ ଚନ୍ଦନ ଉତ୍ସବ କମିଟି ସଭାପତି ପଦ୍ମଲୋଚନ ଲେଙ୍କା ସୂଚନା ଦେଇଛନ୍ତି।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଏହି ଚନ୍ଦନଯାତ୍ରା ଆୟୋଜିତ ହେଉଛି। କମିଟିର କାର୍ଯ୍ୟକାରୀ ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଏଥିରେ ପୌରୋହିତ୍ୟ କରି ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତି ସନ୍ଧ୍ୟାରେ ଆଧାତ୍ମିକ ଶୋଭାଯାତ୍ରାରେ ଶ୍ରୀ ରାଧାକୃଷ୍ଣଙ୍କ ବିଗ୍ରହକୁ ନାବକୁ ଆଗମନ ପୂର୍ବକ ନାବକେଳି ଅନୁଷ୍ଠିତ ହେବ। ମେଳାରେ ରାମଦୋଳି, ହେଲିକେପ୍ଟର, ବ୍ରେକଡ୍ୟାନ୍ସ ପ୍ରଭୃତି ବିଶେଷ ଆକର୍ଷଣ ସାଜିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଯୁବନେତା ସରୋଜ କୁମାର ଲେଙ୍କା, ଅନୁପ କୁମାର ସ୍ୱାଇଁ, ଶ୍ରୀକାନ୍ତ ବୁଗୁଡାଇ, ଭୁଦେବ ମହାପାତ୍ର, ମନୋଜ କୁମାର ଦାସ, ଅଶୋକ କୁମାର ତ୍ରିପାଠୀ, ନାରାୟଣ ଦତ୍ତ, ବୀରେନ୍ଦ୍ର କୁମାର କର, ଭାରତ ଭୂଷଣ ଦାସ, ସୌର୍ଯ୍ୟ ସୁନ୍ଦର ସେନ, ପ୍ରଭାତ କୁମାର ମହାନ୍ତି, ଅବିନାଶ ସ୍ୱାଇଁ, ରୁଦ୍ର ନାରାୟଣ ଦାସ, ସୁମନ୍ତ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# 'ସଶକ୍ତ ନାରୀ, ସଶକ୍ତ ଭାରତ' ଉପରେ ଗୁରୁତ୍ୱ

### ୧୬ରୁ ସଂସଦରେ ନାରୀ ଶକ୍ତି ପାଇଁ ବିଶେଷ ଅଧିବେଶନ

ବାଲେଶ୍ୱର, ୧୨।୪(ବାଞ୍ଛାନିଧି ଦେ)

ଦେଶରେ ନାରୀମାନଙ୍କ ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ରାଜନୀତି ଆଦି କ୍ଷେତ୍ରରେ ନାରୀମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନାରୀ ଶକ୍ତି ବନ୍ଦନ ଅଧିନିୟମ ସଶକ୍ତ ନାରୀ, ସଶକ୍ତ ଭାରତ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ହୋଟେଲ ରୟାଲ କୁଇନ୍ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଚଳିତ ମାସ ୧୬




ଖବରଦାତା ସମ୍ମିଳନୀରେ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ଭାଜପା ନେତ୍ରୀ।

ତାରିଖରୁ ୧୮ ତାରିଖ ତିନିଦିନ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତବେଳା ହେବାକୁ ଯାଉଛି ବୋଲି କହିଥିଲେ। ଏହି ତିନିଦିନ ସଂସଦରେ ହେବାକୁ ଥିବା ନାରୀ ସଶକ୍ତି ପାଇଁ ବିଶେଷ ଅଧିବେଶନ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏଥିସହ ଜିଲାସ୍ତରରେ ପଦଯାତ୍ରା, ବାଇକ୍ ଶୋଭାଯାତ୍ରା, ସଭା ସମିତି ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଶେଷ କରି ୭ଟି 'ସ' ଉପରେ ଯଥା ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ସମ୍ମାନଜନକ ନେତୃତ୍ୱ ନାରୀ ଅଧିକାର ଉପରେ ପର୍ଯ୍ୟବେସିତ ବୋଲି ସେ କହିଥିଲେ। ୨୦୨୩ରେ ହୋଇଥିବା ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇଥିବା ବେଳେ ମହିଳାମାନଙ୍କ ପାଇଁ ବେଟି ବଚାଓ, ବେଟି ପଢ଼ାଓ, ଉଜ୍ଜ୍ୱଳା ଯୋଜନା, ପିଏମ୍ ପୋଷଣ, ସୁରକ୍ଷିତ ମାତୃତ୍ୱ ଅଭିଯାନ, ସକ୍ଷମ ଅଙ୍ଗନୱାଡ଼ି, ସୁକନ୍ୟା ସମୃଦ୍ଧି ଭଳି ବହୁ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ନାରୀ ଶକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଧ୍ୟକ୍ଷା ମହାନ୍ତି ପ୍ରକାଶ କରିଥିଲେ। ଭାଜପା ନାରୀନେତ୍ରୀ ସିପ୍ରାରେଖା ମହାପାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଚନ୍ଦନେଶ୍ୱର ମହାଦେବ ଓ କାମିନୀଙ୍କ ଘଟକୁ ସେବାୟତ, ଭକ୍ତମାନେ ମନ୍ଦିର ବିଜେ କରୁଛନ୍ତି।


ମହାଦେବଙ୍କ ବିବାହ ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।


ମନ୍ଦିର ଆଗରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ସରିଲା ଚନ୍ଦନେଶ୍ୱର ମହାଦେବଙ୍କ ମହାନୀଳ ପର୍ବ**

■ ଆଜି ପ୍ରସିଦ୍ଧ ପାଟ ଉତ୍ସବ

**ଭୋଗରାଇ,୧୨।୪(ପ୍ରଦୀପ ଦାସ):**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସୀମାନ୍ତ ହୁରୁଳି ଗ୍ରାମରେ ଥିବା ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ୧୦ ଦିନ ଧରି ଚାଲିଥିବା ଚଡ଼କ ମେଳା ଅବସରରେ ଜୀଉଙ୍କ ମହାନୀଳ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମହାନୀଳ ପର୍ବରେ ଠାକୁରଙ୍କ ଦର୍ଶନ ପାଇଁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିସହ ବହୁ ସଂଖ୍ୟାରେ ମାନସିକଧାରୀ ଯୋଗଦେଇଥିଲେ।

ପ୍ରକାଶ ଯେ, ଭୋର ସମୟରୁ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଜଗନ୍ନାଥପୁରଛକଠାରୁ ଚନ୍ଦନେଶ୍ୱର, ବଡ଼ରଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଲମ୍ବାଲାଇନ ଲାଗିଥିଲା। ଚଳିତ ବର୍ଷ ଜୀଉଙ୍କଠାରେ ସରକାରୀ ପଞ୍ଜୀକୃତ ଉପବିତ୍ତଧାରୀଙ୍କ ସଂଖ୍ୟା ୧ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ବେସରକାରୀ ଭାବେ ୨ ଲକ୍ଷରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ବିଜୁ ପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ଓ ପ୍ରସ୍ଥାନ ନିମନ୍ତେ ବାରିକେଡ୍ କରାଯାଇଥିଲା। କୂଳ ପାଉ ନ ଥିବା ଜଳଯନ୍ତ୍ର ବିସ୍ମୟ ଦେବତାଙ୍କ ଗର୍ଭଗୃହକୁ ବହୁ ଭକ୍ତ ପୂଜାର୍ଚ୍ଚନା, ଗର୍ତ୍ତ ଗର୍ଭରେ ଜଳାଭିଷେକ ଲାଗି ଧସେଇ ପଶିଥିଲେ। ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଯୋଗୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଦୂରଦୂରାନ୍ତରୁ ଅନେକ ହଜାର ମାନସିକ ଶୈବ ଭକ୍ତ ଚନ୍ଦନେଶ୍ୱର ମନ୍ଦିରରେ ଜଳାଭିଷେକ ନିମନ୍ତେ ନଦୀରୁ ପବିତ୍ର ଜଳପାତ୍ର କାନ୍ଧରେ ଧରି ଜୀଉଙ୍କ ମନ୍ଦିରକୁ ଆସିଥିଲେ। ନୀଳପର୍ବରେ ଜୀଉଙ୍କଠାରେ ଲାଗିଥିବା ପଞ୍ଚାମୃତ ପାନ କରି ଶୈବ ଭକ୍ତମାନେ ଦିନତମାମ ବ୍ରତ ପାଳନ କରିଥିଲେ। ମନ୍ଦିର ପାର୍ଶ୍ୱରେ ବହୁଦିନଧରି ସହସ୍ରାଧିକ ଅଧିଆ ପଡ଼ିଥିବା ଭକ୍ତ ଭଗବାନଙ୍କଠାରେ ଆରାଧନା କରି ମନସ୍କାମନା ପୂର୍ଣ୍ଣ ପାଇଁ ପୂଜାର୍ଚ୍ଚନା କରି ଖୁସି ମନରେ ବାହୁଡ଼ି ଥିଲେ।

ଅପରାହ୍ନରେ ଜୀଉଙ୍କ ନୀଳପୋଖରୀରେ ନୀଳ ଉତ୍ସବ ଦର୍ଶନ ଲାଗି ପୋଖରୀ ହୁଡାରେ ଯାତ୍ରୀଙ୍କ ଭିଡ଼ ଲାଗିଥିଲା। ଜୀଉଙ୍କ ମୁଖ୍ୟ ସେବାୟତ ମୌରସୀ ତପନ ପଣ୍ଡା ଓ ଉପ ମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ସହ ଶ୍ରେଷ୍ଠ ଭକ୍ତ, ପାଟଭକ୍ତ, ଦେଉଳିଆ ଓ ଶ୍ରୀବେକିଡ଼ିଙ୍କ ନିର୍ଦ୍ଦେଶ କ୍ରମେ ଉପବିତ୍ତଧାରୀ ଭକ୍ତ ନୀଳ ପୁଷ୍କରଣୀରୁ ୨ଟି ଠୁମ୍ବିକାଠ ଦ୍ୱୟକୁ ଜଳକ୍ରୀଡ଼ା କରି ମନ୍ଦିର ପରିସରରେ ରଖିଥିଲେ। ପରେ ସନ୍ଧ୍ୟାରେ ଜୀଉଙ୍କ ଶ୍ରେଷ୍ଠ ୧୩ ଭକ୍ତ ଓ ବାଦ୍ୟକାରମାନେ ୧୬ ପ୍ରକାର ବାଦ୍ୟ ବଜାଇ ଶୈବନୃତ୍ୟ ପ୍ରଦର୍ଶନ କରିଥିଲେ। ନୀଳ ଉତ୍ସବ ମଞ୍ଚରେ ଉତ୍ସବର ମାହାତ୍ମ୍ୟ ବିଷୟରେ ମୌରସୀ ତପନ ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ମହାଦେବଙ୍କ ମହାଆଳତି ପରେ ଭକ୍ତଙ୍କ ସକାଶେ ଅର୍ଘ୍ୟ ଦାନ କରାଯାଇଥିଲା। ଅପରପକ୍ଷରେ ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଜୀଉ ଓ କୁମ୍ଭାରମୁଲୀ ଗ୍ରାମସ୍ଥ ଧବଳେଶ୍ୱର ମହାଦେବଙ୍କ ଅନୁରୂପଭାବେ ମହାନୀଳ ପର୍ବ ଉଦ୍‌ଯାପିତ ହୋଇଛି। ସୋମବାର ୩ ମହାଦେବଙ୍କ ପ୍ରସିଦ୍ଧ ପାଟଉତ୍ସବ ଉଦ୍‌ଯାପିତ ହେବ।

ମହାନୀଳ ଉତ୍ସବ ମଞ୍ଚରେ ଉପ ଜିଲାପାଳ ଶିବ ମାଲଭିୟା, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିବ୍ୟଜ୍ୟୋତି ଦାସ, ନିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ବିଧାୟକ ଗୌତମବୁଦ୍ଧ ଦାସ, ତହସିଲଦାର ସୂର୍ଯ୍ୟ ନାୟକ, ଅନନ୍ତ ଦାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଇଂ. ଅଭିଜିତ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ଜିଲାପରିଷଦ ସଦସ୍ୟା ନିବେଦିତା ମାହାନ୍ତି, ଭାଜପା ନେତା ଆଶିଷ ପାତ୍ର, କଂଗ୍ରେସ ନେତା ସତ୍ୟଶିବ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରିଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସତ୍ୟସାଇ ସେବା ସଂଗଠନ, ଜବାହରଲାଲ ନବୋଦୟ ବିଦ୍ୟାଳୟ, ବାଗୁଡ଼ି, ଆରଆଇଏଚ୍ଏସ୍ ମହାବିଦ୍ୟାଳୟ ପକ୍ଷରୁ ସ୍କାଉଟ ଓ ଗାଇଡର ରାଜ୍ୟସ୍ତରୀୟ ଜଳଛତ୍ର ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ମନ୍ଦିର ଏବଂ ମେଳା ପରିସରରେ ମହିଳା ଶ୍ରଦ୍ଧାଳୁଙ୍କ ବେକରୁ ସୁନା ଚେନ ଓ ମନିପର୍ସ, ଟଙ୍କା ଚୋରି ନେଇ ଅଭିଯୋଗ ହୋଇଥିଲା। ଚୋରିକୁ ନେଇ ସାବଧାନ ରହିବାକୁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଥିଲା।

# ଚନ୍ଦନେଶ୍ୱରଙ୍କୁ ବରଣମାଳା ପିନ୍ଧାଇଲେ କାମିନୀ

**ଶୋଭାଯାତ୍ରାରେ ମନ୍ଦିର ବିଜେକଲେ ବର-କନ୍ୟା**

**ଭୋଗରାଇ,୧୨।୪(ପ୍ରଦୀପ ଦାସ):**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସୀମାନ୍ତ ହୁରୁଳି ଗ୍ରାମରେ ଅବସ୍ଥାପିତ ଭକ୍ତି, ଭାବନା ଓ ସୌନ୍ଦର୍ଯ୍ୟର ମିଳନ ପୀଠ ତଥା ଜଳଯନ୍ତ୍ର ବିସ୍ମୟ ଦେବତା ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳା ଅନୁଷ୍ଠିତ ହେଉଛି। ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଜୀବନଧାରାକୁ ଆବହମାନ କାଳରୁ ଋଦ୍ଧିମନ୍ତ କରୁଥିବା ମେଳାରେ ଅନେକ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ରେକର୍ଡ ସଂଖ୍ୟକ ଉପବିତ୍ତଧାରୀ ଭକ୍ତଙ୍କ ସଂଖ୍ୟା ୧ ଲକ୍ଷରୁ ଊର୍ଦ୍ଧ୍ୱ ଥିବାବେଳେ ରବିବାର ମହାନୀଳରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୫ ଲକ୍ଷରୁ ଊର୍ଦ୍ଧ୍ୱ ଥିବା ଆକଳନ କରାଯାଇଛି। ରବିବାର ମହାଦେବ ଚନ୍ଦନେଶ୍ୱର ଜୀଉଙ୍କ କାମିନୀ ବିବାହ ଅନୁଷ୍ଠିତ ହୋଇଥିବା ବେଳେ ଦର୍ଶନ ଲାଗି ସକାଳେ ଚନ୍ଦନେଶ୍ୱର ପୀଠ ଭକ୍ତମୟ ହୋଇଥିଲା।

ପ୍ରତ୍ୟୁଷରୁ ଭଟ୍ଟପୁର ଗ୍ରାମର ମଳାକାର ଘରେ ଜନ୍ମିତ ସୁନ୍ଦରୀ ଅସୁରୁଣୀ କାମିନୀ ଠାକୁରାଣୀଙ୍କୁ ଚନ୍ଦନେଶ୍ୱର ମହାଦେବ ବରଣମାଳା ପ୍ରଦାନ କରିଥିଲେ। ସେଠାରେ ଓଡ଼ିଆ ରୀତିନୀତି ଅନୁଯାୟୀ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀ ଘଟକୁ ଏକ ସଙ୍ଗେ ରଖି ପୁଷ୍ପ ମାଲ୍ୟରେ ଭୂଷିତ କରି ସେବାୟତ ଓ ପଣ୍ଡାମାନେ



ପୂଜାର୍ଚ୍ଚନା କରିଥିଲେ। ପରେ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀଙ୍କ ଘଟ ଦ୍ୱୟକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ବାଟରେ ଢାକ, ଢୋଲ, ମହୁରି, ସାହାନାଇ, ବାଦ୍ୟ ଶଙ୍ଖଧ୍ୱନି ଓ ଡାକବାଜିଯନ୍ତ୍ରରେ ରାସ୍ତାଘାଟ ଉଚ୍ଛୁଳି ପଡ଼ିଥିଲା। ବାଣ, ରୋଶଣି, ରଙ୍ଗ ବୋଳାର ଚମକ ଅସଂଖ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା। ଭଟ୍ଟପୁର ଗ୍ରାମରୁ ଚନ୍ଦନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏହି ଅଲୌକିକ ଠାକୁରାଣୀ ଓ ଠାକୁରଙ୍କ ବିରଳ ଦର୍ଶନ ନିମନ୍ତେ ପ୍ରବଳ ଭିଡ଼ ଲାଗିଥିଲା। ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି, ସେବାୟତ, ପଣ୍ଡା, ପ୍ରଶାସନ ଓ ଅସଂଖ୍ୟ ଶୈବଭକ୍ତ ଉଭୟ ମୂର୍ତ୍ତିଙ୍କୁ ପାଲିଙ୍କିରେ ବସାଇ ମନ୍ଦିରକୁ ଆଣିଥିଲେ। ଶିବଙ୍କ ପତ୍ନୀ ଦୁର୍ଗାଙ୍କ ଉପସ୍ଥିତିରେ କାମିନୀ ଅସୁରୁଣୀଙ୍କୁ ଚନ୍ଦନେଶ୍ୱର ମହାଦେବ ବିବାହ କରି ପତ୍ନୀଭାବେ ଗ୍ରହଣ କରିଥିବାରୁ ଦୁର୍ଗା ଦେବୀ ରୋଷ କରି ମନ୍ଦିର କବାଟ କିଳିଦେଇଥିଲେ। ପରେ ସେବାୟତଙ୍କ ଦ୍ୱାରା ଦେବୀ ଦୁର୍ଗାଙ୍କୁ ଶାନ୍ତ ହେବା ନିମନ୍ତେ ଆରାଧନା କରାଯାଇଥିଲା। ଜୀଉଙ୍କ ଗର୍ଭଗୃହ ଖୋଲାଯିବା ପରେ ମନ୍ଦିର ରୁଦ୍ଧ ଦ୍ୱାର ମଧ୍ୟରେ କାମିନୀଠାକୁରାଣୀ ଓ ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା। ମହାଦେବଙ୍କ ମୁଖ୍ୟ ସେବାୟତ ତଥା ମୌରସୀ ତପନ ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ସମେତ ବହୁ ସେବାୟତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା


ଆଲୋଚନାଚକ୍ରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ**

**ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ):** ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୩୦ଜଣ ପ୍ରସିଦ୍ଧ ବରପୁତ୍ରଙ୍କ ଫଟୋ ପ୍ରଦର୍ଶନୀ ସହ ଛାତ୍ରୀଛାତ୍ର ସେମାନଙ୍କ ଜୀବନୀ ଉପସ୍ଥାପନ କରିଥିଲେ। ବ୍ୟାସ କବି ଫକୀର ମୋହନ ସେନାପତି, ଗାଳ୍ପିକ ବୀଣାପାଣି ମହାନ୍ତି, ଜଷ୍ଟିସ୍ ରଙ୍ଗନାଥ ମିଶ୍ର, ଅଭିନେତ୍ରୀ ନନ୍ଦିତା ଦାସ, ଶିକ୍ଷାବିତ୍ ପ୍ରାଣକୃଷ୍ଣ ପରିଜା, ଚେସ୍ ତାରକା ପଦ୍ମିନୀ ରାଉତ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ ଲେଖକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସମେତ ଅନେକ ମହାନ ବ୍ୟକ୍ତିଙ୍କ ଜୀବନାଦର୍ଶ, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହିଳା ସଂରକ୍ଷଣ ବିଷୟରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଲୋକକଳା ପ୍ରଦର୍ଶନ କାର୍ଯ୍ୟକ୍ରମ, ଯୁବ ଲେଖକ ଓ କବି ସମ୍ମିଳନୀ ଆଦି ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଳୟ ହେଉଛି ଜ୍ଞାନର ମନ୍ଦିର

**ଦନ୍ତୁରୁ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ**

**ଔପଦା,୧୨।୪(ଧରିତ୍ରୀ ପଣ୍ଡା):**

ବିଦ୍ୟାଳୟ ହେଉଛି ଜ୍ଞାନର ମନ୍ଦିର। ଏହି ମନ୍ଦିରରୁ ହିଁ ଦେଶର ଭବିଷ୍ୟତ ଗଢ଼ାହୋଇଥାଏ। ବିଦ୍ୟାଳୟ କେବଳ ପାଠ ପଢାଇବାର ସ୍ଥାନ ନୁହେଁ ବରଂ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶର ଏକ କ୍ଷେତ୍ର। ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଅଧୀନ ଦନ୍ତୁରୁ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶନିବାର ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରାକ୍ତନ ଛାତ୍ର କୈଳାଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ 'ପରିବେଶ ଓ ପ୍ରକୃତି ସୁସ୍ଥ ରହିଲେ



ସମାରୋହରେ ମଞ୍ଚାସୀନ ଅତିଥି।

ସମାଜ ସୁସ୍ଥ ରହିବ' ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ସମ୍ମାନିତ ଅତିଥି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଔପଦା ବ୍ଲକ୍ ଅଧ୍ୟକ୍ଷା ବିପ୍ରିବିମ୍ବା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ପ୍ରଧାନ ଶିକ୍ଷକ ଜୟନ୍ତ ପଣ୍ଡା ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। କମିଟି ସମ୍ପାଦକ ପ୍ରଦୀପ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ, ପ୍ରାକ୍ତନ ଛାତ୍ର ଗୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ 'ସ୍ୱପ୍ନାୟିତା ସୁବର୍ଣ୍ଣା' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଖଇରା ବ୍ଲକ: ୯୮ ପ୍ରତିଶତ ଚାଷୀ ବିକିଲେ ଧାନ

■ ୧୫ ହଜାର ୧୦୨ଜଣ ଚାଷୀ ବିକିଛନ୍ତି ୪ ଲକ୍ଷ ୩୫ ହଜାର କୁଇଣ୍ଟାଲ ଧାନ

■ ଗତବର୍ଷ ତୁଳନାରେ ଅଧିକ ୧୪ ହଜାର ୭୨୯ ଧାନ କିଣା ହୋଇଛି

■ ସୁଭଦ୍ରା ଓ ରାଶନକାର୍ଡ ଭୟ ଯୋଗୁ ଧାନ ବିକି ନାହାନ୍ତି ଅନେକ ଚାଷୀ

**ଖଇରା,୧୨।୪(ଉତ୍କଳବନ୍ଧୁ ପଣ୍ଡା)**

୫ ଦିନ ତଳୁ ସରକାରୀ ମଣ୍ଡିରେ ଧାନକିଣା ଅବଧି ଶେଷ ହୋଇଥିବା ବେଳେ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ୍‌ରେ ଧାନ କିଣା ସାମଗ୍ରିକ ଭାବେ ସନ୍ତୋଷଜନକ ରହିଛି। ୯୮ପ୍ରତିଶତ ଚାଷୀ ସେମାନଙ୍କର ଧାନ ବିକିବାକୁ ସକ୍ଷମ ହୋଇଛନ୍ତି। ତେବେ ବର୍ତ୍ତନା ସେବା ସମବାୟ ସମିତି ଓ ରଟିଣାରେ ଶେଷ ମୁହୂର୍ତ୍ତରେ ଆବଶ୍ୟକ ଟାର୍ଗେଟ ନ ଆସିବା କାରଣରୁ ମିଳିଥିବା ଟୋକନରୁ ୨୫ ଓ ୩୫ ପ୍ରତିଶତ ଲେଖାଏ ଧାନ କମ୍ ଦେବାକୁ ବାଧ ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସେହିଭଳି ଅନ୍‌ଲାଇନ ପଞ୍ଜୀକରଣ ସମୟରେ ସରକାର ବାରମ୍ବାର ଗାଇଡ୍‌ଲାଇନ ପରିବର୍ତ୍ତନ କରିବା ଯୋଗୁ ପାଖାପାଖି ୫୦୦ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା କୁହାଯାଉଛି। ଆଗାମୀ ଦିନରେ ରବି ଓ ଖରିଫ ପଞ୍ଜୀକରଣ ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖଇରା ବ୍ଲକ୍‌ର ୧୪ ପ୍ରାଥମିକ କୃଷି ସମବାୟ ସମିତି ଓ ଗୋଟିଏ ସ୍ୱୟଂ ସହାୟିକା ଗୋଷ୍ଠୀ(ରଟିଣା ମହିଳା ସାମୁଖ୍ୟ) ଧାନ କିଣିବାକୁ ଯୋଗାଣ ବିଭାଗ ସହ ଚୁକ୍ତି କରିଥିଲେ। ଡିସେମ୍ବର ୨୯ ତାରିଖରୁ ଜିଲାରେ ଧାନ କିଣିବାକୁ ଜିଲା କମିଟି ନିଷ୍ପତ୍ତି ନେଇଥିଲେ ହେଁ ୭ ଦିନ ପରେ ଅର୍ଥାତ ଜାନୁଆରୀ ୪ ତାରିଖ ପରଠାରୁ ଧାନକିଣା ଆରମ୍ଭ ହୋଇଥିଲା। ମୋଟ ୧୫ ହଜାର ୩୧୩ ଜଣ ଚାଷୀ ଧାନବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ ହେଁ ୧୫ ହଜାର ୧୦୨ଜଣ ଚାଷୀ ୪ ଲକ୍ଷ ୩୫ ହଜାର ୨୧୭ କୁଇଣ୍ଟାଲ ଧାନବିକ୍ରି କରିଛନ୍ତି। ୯୮ ପ୍ରତିଶତ ଚାଷୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନଙ୍କର ଧାନ ବିକି ପାରିଛନ୍ତି। ୨୦୨୪-୨୫ରେ ପାଖାପାଖି ୧୪ ହଜାର ଚାଷୀଙ୍କ ନିକଟରୁ ୪ ଲକ୍ଷ ୨୦ ହଜାର ୪୮୮ କୁଇଣ୍ଟାଲ ଧାନ କିଣାଯାଇଥିଲା। ଅର୍ଥାତ୍ ଗତବର୍ଷ ତୁଳନାରେ ୧୪ ହଜାର ୭୨୯ କୁଇଣ୍ଟାଲ ଧାନ ଅଧିକ କିଣାଯାଇଛି। ହେଲେ ପ୍ରତ୍ୟେକ ସମିତିର ଧାନକିଣା ତଥ୍ୟ ବିଚାରକୁ ନେଲେ ପଳସା, ଗୋବିନ୍ଦପୁର, ଖଇରା, ଗଡ଼ପୋଖରୀ, ଗୋଳିହା, ଡୁଙ୍ଗୁରା ଓ ଗଗନଧୁଳି ସମିତିରେ ଗତବର୍ଷ ତୁଳନାରେ ଧାନକିଣା ନୈରାଶ୍ୟଜନକ ଥିବା ବେଳେ ମିର୍ଜାପୁର, ବର୍ତ୍ତନା, ହରିପୁର, ମାଣିତ୍ରୀ, କୁରୁଣ୍ଟା, ଅନ୍ତରା, ଓସଙ୍ଗ ଓ ରଟିଣା ମହିଳା ସାମୁଖ୍ୟଙ୍କ କ୍ଷେତ୍ରରେ ଧାନକିଣା ଯଥେଷ୍ଟ ଅଧିକ ରହିଛି। ତେବେ ପଞ୍ଜୀକରଣ ସମୟରେ ନେଟୱର୍କ ସ୍ଲୋ ରହିବା ଏବଂ ହଠାତ ବନ୍ଦ ହୋଇଯିବା କାରଣରୁ ଆହୁରି ଅନେକ ଚାଷୀ ଧାନବିକ୍ରିରୁ ବଞ୍ଚିତ ରହିଥିବା ନେଇ ଗଡ଼ପୋଖରୀ, ଗୋବିନ୍ଦପୁର, ଖଇରା ସମିତିର ସମ୍ପାଦକ ଓ ପରିଚାଳନା ବୋର୍ଡ ଅଭିଯୋଗ କରିଛନ୍ତି। ସେହିଭଳି ସୁଭଦ୍ରା ଓ ରାଶନକାର୍ଡରୁ ନାମ କଟିଯିବା ଭୟରେ ପଞ୍ଜୀକରଣ କରି ଟୋକନ ପାଇଥିବା ପାଖାପାଖି ୧୮୦ ମହିଳା ଚାଷୀ ଧାନ ବିକିବାକୁ ସମିତିକୁ ଆସି ନ ଥିବା କୁହାଯାଉଛି। ଶେଷ ମୁହୂର୍ତ୍ତରେ ଯୋଗାଣ ବିଭାଗ ଟାର୍ଗେଟ ପ୍ରଦାନରେ ପାତରଅନ୍ତର କରିବା ଯୋଗୁ ଅନେକଚାଷୀ ଟୋକନ ପରିମାଣଠାରୁ କମ୍ ଧାନଦେବାକୁ ବାଧ ହୋଇଥିଲେ ବୋଲି ଉଦୟପୁର ଗ୍ରାମର ଚାଷୀ ବଳରାମ ଦାସ କହିଛନ୍ତି।

# 'ଉଦାରୀକରଣ ଅର୍ଥନୀତି ଭିତରେ ହଜିଯାଉଛି ସଂସ୍କୃତି'



**ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚର ଓଡ଼ିଆ ପକ୍ଷ ପାଳନ**

**ଖଇରା,୧୨।୪(ଉତ୍କଳବନ୍ଧୁ ପଣ୍ଡା)-**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରକ୍ତତୀର୍ଥ ତୁଡ଼ିଗଡ଼ିଆଠାରେ ରବିବାର ଶହୀଦ ଭବନ ପରିସରରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥୀ ଓ ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ଉଦାରୀକରଣ ଅର୍ଥନୀତି ନାମରେ ପାଶ୍ଚାତ୍ୟ ସଂସ୍କୃତି ଆମକୁ କବଳିତ କରିସାରିଲାଣି। ଯାହାଫଳରେ ଓଡ଼ିଆ ସଂସ୍କୃତି ଆଜି ହଜିଯିବାକୁ ବସିଛି ବୋଲି କହିଥିଲେ। ବରିଷ୍ଠ ସଭ୍ୟ ଲୋକନାଥ ପଣ୍ଡା, ସରପଞ୍ଚ ମଦନମୋହନ ସାନ୍ତରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

ସମ୍ପାଦକ ଯୁଧିଷ୍ଠିର ମହାରଣା ବିବରଣୀ ପାଠ କରିଥିଲେ। ମଞ୍ଚ କାର୍ଯ୍ୟକର୍ତ୍ତା ରାଧାକାନ୍ତ ପଣ୍ଡା, ଉପେନ୍ଦ୍ର ପାଢ଼ୀ ପ୍ରମୁଖ ତୁଡ଼ିଗଡ଼ିଆଠାରେ ଏକ ଫାଣ୍ଡି ଓ ବ୍ଲକ୍ ପ୍ରତିଷ୍ଠା ପାଇଁ ଦାବି ଉତ୍ଥାପନ କରିଥିଲେ।

# 'ଗଦାଧର ଗିରି ବାଲିଆପାଳ ଅଞ୍ଚଳର ଜନନାୟକ ଥିଲେ'

**ବାଲିଆପାଳ,୧୨।୪(ଗୋପାଳ ଚନ୍ଦ୍ର ସାହୁ):**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଲତାଯୋଡ଼ି ଏକଲବ୍ୟ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ କୋଚିଂ ସେଣ୍ଟର ପରିସରରେ ରବିବାର ଅପରାହ୍ନରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ୮୯ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ଧୀରେନ୍ଦ୍ର ନାଥ ହାଜିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନଳିନୀ ପାଢ଼ୀ, ବୈରାଗୀ ଦାସ, ଭକ୍ତ ଚରଣ ଦାସ, ବିଦ୍ୟାଧର ପରିଡ଼ା, ବଳରାମ ଦାସ, କୁମୁଦ ରଞ୍ଜନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ଗଣେଶ ବେହେରା, ବଂଶୀଧର ରାଉଳ, ବନମାଳୀ ରାଉଳ, ମାଧବ ଚନ୍ଦ, ଲକ୍ଷ୍ମୀଧର ଜେନା, ନାରାୟଣ ଜେନା, ସୃଷ୍ଟିଧର ନାୟକ, ବସନ୍ତ ପ୍ରଧାନ, ମନୋଜ ପରିଡ଼ା, ବିଶ୍ୱନାଥ ଗିରି, ସୃଷ୍ଟିଧର ପଢ଼ିଆରୀ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ସ୍ୱର୍ଗତ ଗିରି ବାଲିଆପାଳ ଅଞ୍ଚଳର ଜନନାୟକ ଥିଲେ। ଦକ୍ଷିଣ ବାଲିଆପାଳ ଘାଟି ଆନ୍ଦୋଳନର ମୁଖ୍ୟ ପୁରୋଧା ସାଜି ବାଲିଆପାଳରୁ କ୍ଷେପଣାସ୍ତ୍ର ଘାଟିକୁ ସେ ହଟାଇ ଥିବାବେଳେ ତତ୍କାଳୀନ ଜଳେଶ୍ୱର ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ବାଲିଆପାଳ ଅଞ୍ଚଳର ବହୁ ଜନହିତକର କାର୍ଯ୍ୟ କରି ସମସ୍ତଙ୍କର ଅତି ପ୍ରିୟ ହୋଇପାରିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ସଭା ପରିଚାଳନା କରିଥିଲେ।






## ଶୀତଳା ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ପୂଜା

**ମୋରଡ଼ା,୧୨।୪(ସ୍ୱାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡ଼ା ବସଷ୍ଟାଣ୍ଡରେ ଥିବା ମା' ଶୀତଳା ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ, ବୁଢ଼ୀ ଠାକୁରାଣୀ ରାତି ବାରଟା ପରେ ପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ପରେ ଘଟ ଉତ୍ତୋଳନ କରାଯାଇଥିଲା। ଚିତ୍ରଡା ବସଷ୍ଟାଣ୍ଡରେ ମା'ଙ୍କ ଅସ୍ଥାୟୀ ପୀଠକୁ କୁଟା ଏବଂ ବିଭିନ୍ନ ପ୍ରକାରର ଫୁଲରେ ସଜାଯାଇଥିବା ଦେଖିବାକୁ ମିଳିଛି। ଚିତ୍ରଡ଼ା ସରପଞ୍ଚ ବାଳକ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ୱାର୍ଡ ସଭ୍ୟମାନେ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। ପୂଜକ ରବୀନ୍ଦ୍ରନାଥ ମିଶ୍ର ଓ ଅଭିଜିତ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକଙ୍କ କହିବା ମୁତାବକ ଚଳିତବର୍ଷ ୬୦୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ପୂଜା କରିବା ପାଇଁ ଆସିଥିଲେ।

# ଜମୁଛି ଚୈତ୍ରପର୍ବ, ଦୁଲୁକୁଛି ଛଉ ପଡ଼ିଆ

**ବାରିପଦା,୧୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା ଜମୁଛି। କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହୁଛନ୍ତି। ଦ୍ୱିତୀୟ ସନ୍ଧ୍ୟାରେ ବାରିପଦା ଛଉ ପଡ଼ିଆରେ ଘଟ ସ୍ଥାପନ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗ୍ରାମାଞ୍ଚଳରୁ ଆସିଥିବା ଛଉନୃତ୍ୟ ଦଳ ରାତି ୧୦ଟାରୁ ପ୍ରାତଃ ୫ଟା ପର୍ଯ୍ୟନ୍ତ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବଡ଼ଦା ରାଇରଙ୍ଗପୁର ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରଥମ ଓ ଦେବଘୁନିଆଁ ବଡ଼ଦା ଛଉ ନୃତ୍ୟ ପ୍ରତିଷ୍ଠାନ ଚତୁର୍ଥ ଏବଂ ମନପ୍ରୀତ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ମହାନ୍ତ ବଡ଼ଦା ଛଉ ନୃତ୍ୟ ପ୍ରତିଷ୍ଠାନ ୫ମ, ବଡ଼ଜାମବଣୀ ଛଉନୃତ୍ୟ ପ୍ରତିଷ୍ଠାନ ଦାନ୍ତିଆମୁହାଁ ଦ୍ୱିତୀୟ, ବାମନିପାହାଡ ଛଉ ନୃତ୍ୟ ପ୍ରତିଷ୍ଠାନ ଅଁଳାଯୋଡି ରାଇରଙ୍ଗପୁର ତୃତୀୟ ସ୍ଥାନ ଅଧିକାର କରିଛି । ଜିଲା ପ୍ରଶାସନ ପକ୍ଷରୁ କୃତୀ ଛଉନୃତ୍ୟ ପ୍ରତିଷ୍ଠାନଗୁଡ଼ିକୁ ଯଥାକ୍ରମେ ୧୦ହଜାର, ୭ହଜାର, ୫ହଜାର ଓ ୪ର୍ଥ ଓ ୫ମକୁ ୩ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ତୃତୀୟ ସନ୍ଧ୍ୟାରେ କୁଇଜ ପ୍ରତିଯୋଗିତା, ଡ୍ରପ ଦି ବିଟ୍, ଟିକମିକ୍ ରିମିକ୍ସ ଗୁରୁକୁଳ ଓ ଆଦ୍ୟା ବାରିପଦା ପକ୍ଷରୁ ଡ୍ୟାନ୍ସ ପ୍ରତିଯୋଗିତା ହେବ । ପରେ ମହାରାଷ୍ଟ୍ର ରାଜ୍ୟର କଥକ ନୃତ୍ୟ ପରିବେଷଣ ହେବାକୁ ଥିବା ବେଳେ ଏହାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରଖାଯାଇଛି। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଜନାଦୃତ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କଳାକାରମାନଙ୍କୁ ସୁଯୋଗ ଦିଆଯାଉଛି। ଜିଲାର କୋଣ ଅନୁକୋଣରୁ କଳାକାରଙ୍କ ସମେତ ଜନସାଧାରଣଙ୍କ ଭିଡ ଜମୁଛି। ସ୍ୱାଦିଷ୍ଟ ଖାଦ୍ୟ ସହ ମନୋରଞ୍ଜନ ଭିତ୍ତକ କାର୍ଯ୍ୟକ୍ରମରେ ରାତି ତମାମ ଛଉ ପଡ଼ିଆ ସରଗରମ ରହୁଛି।

# ନିଆଁରେ ଚାଲିଲେ ପାଟଭକ୍ତା


ନିଆଁରେ ଚାଲୁଥିବା ପାଟଭକ୍ତା।

**ବାରିପଦା,୧୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାଠାରେ ସର୍ବପୁରାତନ ପାରମ୍ପରିକ ଉଡାପର୍ବ ପାଳନ ହୋଇଆସୁଛି। ଶନିବାର କଣ୍ଟାପାଟ ଶେଷ ହେବା ପରେ ରବିବାର ନିଆଁପାଟ ଅନୁଷ୍ଠିତ ହୋଇଛି। ଦକ୍ଷିଣସାହି ପାଟଭକ୍ତାଙ୍କ ଦ୍ୱାରା ଗତ ମଙ୍ଗଳବାର ସନ୍ଧ୍ୟାରେ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ମନ୍ଦିରରେ ହାକୁଣ୍ଡା ପୂଜା ଅନୁଷ୍ଠିତ ହୋଇଥିଲା। ଏହା ପରେ ପରମ୍ପରା ଅନୁଯାୟୀ ପର୍ବ ପାଳନ ହୋଇ ଚାଲିଛି। ଦକ୍ଷିଣସାହି ପାଟଭକ୍ତା ଦେବବ୍ରତ ଦତ୍ତ କହନ୍ତି ମହାରାଜାଙ୍କ ଅମଳରୁ ଏହି ପର୍ବ ପାଳନ କରାଯାଉଛି। ୭ତାରିଖଠାରୁ ଆରମ୍ଭ ହୋଇ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ପର୍ବ ଚାଲିବ। ଦକ୍ଷିଣସାହି ପକ୍ଷରୁ ପ୍ରଥମ ତିନି ଦିନ ଧରି ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରେ ମହାଦେବଙ୍କୁ ସ୍ଥାପନା କରି ପୂଜାପାଠ କରି ସାତଭଉଣୀ ମନ୍ଦିରକୁ ଯାଇ ଦର୍ଶନ କରିବା ପରେ ଅନ୍ୟାନ୍ୟ ମନ୍ଦିରକୁ ଯାଇ ପୂଜାପାଠ କରାଯାଇଥାଏ। ଚତୁର୍ଥ ଦିନ ନଦୀରୁ ପୂଜାପାଠ ହୋଇ ମା'କାଳୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ପରେ ଦଣ୍ଡୁଆ ଓ ପାଟଭକ୍ତା କଣ୍ଟା ଉପରେ ଗଡିଥାନ୍ତି। ତହିଁ ପରଦିନ ନିଆଁପାଟ ଅନୁଷ୍ଠିତ ହୋଇଥାଏ।

## ପୌରାଧ୍ୟକ୍ଷଙ୍କ ମାତୃ ବିୟୋଗ

**ବାରିପଦା,୧୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ପୌର ପରିଷଦର ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ମାତୃ ବିୟୋଗ ଘଟିଛି। ରବିବାର ସକାଳ ୮ଟା ୩୦ରେ ନିଜ ବାସଭବନରେ ମା' ମନୋରମା ମହାନ୍ତି (୯୩) ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ପରୋପକାରୀ, ଧର୍ମପରାୟଣା ମହିଳାଭାବେ ସେ ସେ ବେଶ ପରିଚିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଜନସାଧାରଣ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ସଚ୍ଚିଦାନନ୍ଦ, ବଡ଼ବୋହୂ ନିବେଦିତା, ସାନପୁଅ କୃଷ୍ଣାନନ୍ଦ, ସାନବୋହୂ ଅରୁଣିମା, ନାତି ଅର୍ଣ୍ଣବ, ଅନବେଶ, ନାତୁଣୀ ନେହା ମହାନ୍ତି ଉପସ୍ଥିତ ଥିଲେ। ବାରିପଦାର ବାରୁଣୀ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

# 'ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ'



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଗୋପବନ୍ଧୁ ନଗର,୧୨।୪**
**(ଶାନ୍ତନୁ କୁମାର ମଣ୍ଡୁଆଳ)**

## ପଶୁଦା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ଗୋପବନ୍ଧୁ ନଗର ବ୍ଲକ ପଶୁଦା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ର ଦଶରଥ ବାଘରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ସରପଞ୍ଚ ନିମାଇଁ ସୋରେନ, ମୁଖ୍ୟ ବକ୍ତା ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥି ସମିତି ସଭ୍ୟ ଭୀମ ସୋରେନ, ଅଜୟ କଟୁଆଳ, ମଧୁସୂଦନ ପଶା ପ୍ରମୁଖ ଯୋଗଦେଇ ସଫଳତାର ମୂଳମନ୍ତ୍ର କଠିନ ପରିଶ୍ରମ ବୋଲି ମତବ୍ୟକ୍ତ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ଶ୍ରୀକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ମୁଖ୍ୟ ବକ୍ତା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଡ଼େଇ, ଜିଲା ପରିଷଦ ସଦସ୍ୟା ଉର୍ମିଳା ଲେଙ୍କା, ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଏବଂ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। ନୀଳଗିରି ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମନୋଜ ରାୟ ସିଂହ ଧନ୍ୟବାଦ ଦେଇଥିଲେ। ସମସ୍ତ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତିମୂର୍ତ୍ତି ସଫେଇ ଦିବସ ନେଇ ପ୍ରସ୍ତୁତି ବୈଠକ

**ବାରିପଦା,୧୨।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆସନ୍ତା ୨୧ ତାରିଖରେ ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୌରପରିଷଦ ଅତିଥିଶାଳାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱପ୍ରତିମୂର୍ତ୍ତି ସଫେଇ ଦିବସ ପାଳନ କମିଟିର ଅଧ୍ୟକ୍ଷ ତଥା ସେବାନିବୃତ୍ତ ପୋଲିସ ଅଧିକାରୀ ଦୁର୍ଗାପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷର କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ ହୋଇଥିଲା। ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସର ସଂଯୋଜକ ସଞ୍ଜୟ କୁମାର ଚୌଧୁରୀ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆଲୋଚନାରେ ସେବାନିବୃତ୍ତ ବରିଷ୍ଠ କ୍ରୀଡ଼ା ପ୍ରଶାସକ କୁମାର ରଞ୍ଜନ ପଣ୍ଡା, ଡ. ବନଜା ମହାନ୍ତି, ଡ. ପୁଷ୍ପା ପାତ୍ର,ଡ. ଶ୍ୟାମ ସୁନ୍ଦର ଦାସ, ଶିକ୍ଷାବିତ ସୁନୀଲ ଜେନା, ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ପ୍ରମୁଖ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ । ଚଳିତ ବର୍ଷ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବାକୁ ଏକ ୧୫ ଜଣିଆ କୋର କମିଟି ଗଠିତ ହୋଇଛି ।

# ଗ୍ରାମଦେବତୀଙ୍କ ପୂଜା ପାଇଁ କଳସ ଶୋଭାଯାତ୍ରା

**ବାରିପଦା,୧୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ. ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ମା' ଲାଲପାଟ ସାଲପାଟ ଗ୍ରାମଦେବତୀଙ୍କ ବାର୍ଷିକ ପୂଜା ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ଅମ୍ବିକାଙ୍କ ମନ୍ଦିର ନିକଟସ୍ଥ ଚିପଟ, ବୁଢ଼ାବଳଙ୍ଗ ଓ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥାନରେ ରୀତିନୀତି ଅନୁସାରେ ପୂଜାବିଧି ସମ୍ପନ୍ନ ହୋଇଥିଲା। ଉକ୍ତ ସ୍ଥାନରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅମ୍ବିକା ମନ୍ଦିରରୁ ସହର ପରିକ୍ରମା କରି ୨ ଶହରୁ ଊର୍ଦ୍ଧ୍ୱ ମହିଳା ଘଟ ଶୋଭାଯାତ୍ରାରେ ଗ୍ରାମଦେବୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ୩ ଦିନ ଧରି ମନ୍ଦିରରେ ମା'ଙ୍କ ପୂଜାବିଧି ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି। ମନ୍ଦିର ପରିସରରେ ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।


କଳସ ଶୋଭାଯାତ୍ରାରେ ସାମିଲ ମହିଳାମାନେ।

## 'ପ୍ରତ୍ୟେକ ଓଡ଼ିଆଙ୍କ ଅସ୍ମିତାର ପ୍ରତୀକ ଶ୍ରୀଜଗନ୍ନାଥ'

### ପ୍ରାଚୀନ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନାଚକ୍ର

**ବାରିପଦା,୧୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଓଡିଆ ପକ୍ଷ ପାଳନ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରାଚୀନ ସାହିତ୍ୟରେ ପ୍ରାଚୀନ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନା ଚକ୍ର ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଭକ୍ତକବି ଦୀନକୃଷ୍ଣଙ୍କ ପର୍ଯ୍ୟନ୍ତ ପ୍ରାଚୀନ କବି ମାନଙ୍କ ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ବର୍ଣ୍ଣିତ ସୁଲଳିତ ପଦାବଳୀକୁ ସୁନ୍ଦର ଭାବରେ ଉପସ୍ଥାପନ କରି ଓଡ଼ିଆ ଭାଷା ଓ ସାହିତ୍ୟର ଓ ପ୍ରତ୍ୟେକ ଓଡ଼ିଆଙ୍କର ଅସ୍ମିତାର ପ୍ରତୀକ ଶ୍ରୀ ଜଗନ୍ନାଥ ବୋଲି କହିଥିଲେ।ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ବିଚିତ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ଓ ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସୁଧାମୟୀ ଦାସ ଓ ମିନତୀ ଦାଶଙ୍କ ସଂଯୋଜନାରେ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ବେଦପାଠ କରିଥିଲେ। ଡ.ଶଶୀଧର ବିଶ୍ୱାଳ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭରସା ପାଲଟିଛି କୂଅପାଣି

**ଉଦଳା,୧୨।୪(ସନ୍ତୋଷ କୁମାର ବାଛିନୀ)**

ଗ୍ରୀଷ୍ମ ପ୍ରକୋପ ସାଙ୍ଗକୁ ବଢ଼ି ଚାଲିଛି ଜଳ ଯାତନା। ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଗାଁ ନଳକୂଅ ପାଖରେ ମହିଳାଙ୍କ ଭିଡ଼ ଜମୁଥିବାବେଳେ ଆଉ କେତେଜଣ ଗ୍ରାମବାସୀ ବିଲ ଭିତରେ ଥିବା କୂଅ ପାଣି ଉପରେ ଭରସା କରୁଛନ୍ତି। ଉଦଳା ବ୍ଲକ ପାଟଶାଣିପୁର ପଞ୍ଚାୟତ ଗୋଡ଼ଡ଼ିହି ଗ୍ରାମବାସୀଙ୍କ ପାଇଁ ଏହା ନିତିଦିନିଆ ଘଟଣା ପାଲଟିଛି। ଦୀର୍ଘ ବର୍ଷ ହେବ ଗ୍ରାମବାସୀ ଏହିପରି ପାନୀୟ ଜଳ ସମସ୍ୟାରେ ଯୁଝି ହେଉଛନ୍ତି।

ସୂଚନା ଅନୁଯାୟୀ, ଗୋଡ଼ଡ଼ିହି ଗ୍ରାମରେ ୫୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ଗ୍ରାମବାସୀଙ୍କ ପାଇଁ ରହିଛି ଗୋଟିଏ ନଳକୂପ। ଯାହାକି ଅଙ୍ଗନୱାଡିର ନଳକୂପ ହୋଇଥିବା ବେଳେ ତାହା ଅଙ୍ଗନୱାଡି ହତା ବାହାରେ ରହିଥିବାରୁ ସେହି ନଳକୂପ ସମସ୍ତଙ୍କ ଶୋଷ ମେଣ୍ଟାଇବା ପାଇଁ ସାଜିଛି ମାଧ୍ୟମ। ହେଲେ ସେହି ନଳକୂପରୁ ମଧ୍ୟ ପର୍ଯ୍ୟାପ୍ତ ପାଣି ବାହାରେ ନାହିଁ। ପ୍ରଥମେ ପାଣି ନେଉଥିବା ଲୋକ କେବଳ ଭଲ ପାଣି ପାଇଥାନ୍ତି। ସେଥିରୁ ୫ରୁ ୭ ଗରା ପାଣି ବାହାରିବା ପରେ କମିଯାଏ ପାଣି ଆଉ ସମୟକ୍ରମେ ପାଣି ବନ୍ଦ ମଧ୍ୟ ହୋଇଯାଏ। ଏହି ନଳକୂପ ଅନେକ ସମୟରେ ଖରାପ ହେବା ସହିତ ଗ୍ରାମବାସୀଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ଭଳି ହେଉଥିବାରୁ ବିଲ ମଝିରେ ଥିବା ଏକ କୂଅ ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ଉକ୍ତ କୂଅ ଖୋଲା ସ୍ଥାନରେ ଥିବାରୁ ଅନେକ ସମୟରେ ଅଳିଆ ଆବର୍ଜନା ପଡ଼ି ପାଣି ଦୂଷିତ ହୋଇ ରହିଥାଏ। ହେଲେ ଗ୍ରାମବାସୀ ଉକ୍ତ ପାଣି ପିଇବାକୁ ବାଧ ହୁଅନ୍ତି। ଯାହା ଦ୍ୱାରା ଗ୍ରାମବାସୀ ଅନେକ ରୋଗର ଆକ୍ରାନ୍ତ ହେଉଥିବା କୁହନ୍ତି।



ପାଣି ପାଇଁ ଭିଡ଼ ଜମାଇଥିବା ମହିଳାମାନେ।

ଯେଉଁଥି ପାଇଁ ଗ୍ରାମବାସୀ ଜଳ ଯନ୍ତ୍ରଣା ଭୋଗୁଛନ୍ତି। ଗ୍ରାମବାସୀ ଏହି ସମସ୍ୟା ନେଇ ବାରମ୍ବାର ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କେହି ସେମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମର ମହିଳା ପୁତୁଲି କିସ୍କୁ, ବୁଦ୍ଧି ସୋରେନ, ଗୌରା ଟୁଡୁ, କିସୁନ କୁମାର ହାଁସଦା। ଗ୍ରାମବାସୀଙ୍କ ଏହି ଜଳ ଯାତନା ବାବଦରେ ଉଦଳା ବିଡିଓ ସମରଜିତ କରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅଚଳ ନଳକୂପ ମରାମତି ହେବା ସହିତ ନୂତନ ନଳକୂପ ଖୋଳାଯାଇ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସରକାରଙ୍କ ପକ୍ଷରୁ ପାନୀୟ ଜଳ ସମସ୍ୟା ଦୂର ନେଇ ଦୃଢ଼ ପଦକ୍ଷେପ ନିଆ ଯାଇଥିବା ବେଳେ ଗୋଡ଼ଡ଼ିହି ଗ୍ରାମବାସୀଙ୍କ ଜଳ କଷ୍ଟ କେବେ ନଷ୍ଟ ହେଉଛି ତାହା ଦେଖିବାକୁ ବାକି ରହିଲା।

# ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

**ବାରିପଦା,୧୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ଏମ୍‌ପିସି ସ୍ୱୟଂଶାସିତ କଲେଜ

ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପ୍ରଶାସନିକ ମୁଖ୍ୟ ଡ. ପ୍ରିୟବ୍ରତ ବେହେରା ଯୋଗଦେଇ ମୟୂରଭଞ୍ଜ ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଏବଂ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସୁରେଶ ଚନ୍ଦ୍ର ପାତ୍ର ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୃଷ୍ଠଭୂମିରେ ଉତ୍କଳର ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଡ. ସିଦ୍ଧେଶ୍ୱର ପଣ୍ଡା ଉତ୍କଳ ମାଟି ସବୁ ରାଜ୍ୟଠାରୁ କିପରି ସ୍ୱତନ୍ତ୍ର ତାହା ପ୍ରକାଶ କରିଥିଲେ। ଓଡ଼ିଆ ପକ୍ଷର ସଂଯୋଜକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଓଡ଼ିଆ ପକ୍ଷ ପାଳନର ମହତ୍ୱ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଗବେଷକ ତୋଷବନ୍ତ ମେହେର, ଛାତ୍ରୀ ହେମଲତା, ଗାୟତ୍ରୀ, ସାଲମି, ଛାତ୍ର ଗୌତମ ପ୍ରମୁଖ ଗଙ୍ଗାଧର ମେହେର, ଫକୀରମୋହନ ସେନାପତି, ରାଧାନାଥ ରାୟ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସଙ୍କୁ ସ୍ମରଣ କରି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସହ ସଂଯୋଜକ ଡ. ଦୟାନିଧି ପରିଡ଼ା କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ଛାତ୍ରୀ ଗୀତାଞ୍ଜଳି, ପ୍ରିୟଦର୍ଶିନୀ, ଦେବବ୍ରତ, ବିଭୀଷଣ, ଦେବାଶିଷ, ଭବାନୀ ଶଙ୍କର, ରବିନ୍ଦ୍ର, ଧନଞ୍ଜୟ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ଡ. ଧନଞ୍ଜୟ ସିଂ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧାପକ ଓ ଛାତ୍ରୀଛାତ୍ରମାନେ।

# ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଆଲୋଚନାଚକ୍ର




**ଉଦଳା,୧୨।୪(ସନ୍ତୋଷ କୁମାର ବାଛିନୀ)**

କୁଣ୍ଡାବାଇସ୍ଥିତ ଆର୍‌ଡିଏସ. ଡିଗ୍ରୀ ମହାବିଦ୍ୟାଳୟର ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର ବରପୁତ୍ର 'କ୍ରାନ୍ତିକାରୀ ସାରସ୍ୱତ ସ୍ରଷ୍ଟା ଫକୀର ମୋହନ ସେନାପତି' ଶୀର୍ଷକରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ମାର୍ଗଦର୍ଶନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନ୍ତଳା କୁମାରୀ ସାବତ ସରକାରୀ ମହିଳା ମହାବିଦ୍ୟାଳୟ ବାଲେଶ୍ୱରର ସହକାରୀ ପ୍ରଫେସର ରାଜକିଶୋର ପଣ୍ଡିତ ଓ କପ୍ତିପଦା ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପିକା ଅବନ୍ତୀ ଷଡଙ୍ଗୀ ଯୋଗଦେଇ ଫକିର ମୋହନ ସେନାପତିଙ୍କ କାଳଜୟୀ ଲେଖା କିଭଳି ଜନମାନସକୁ ଋଦ୍ଧିମନ୍ତ କରିଥିଲା ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ଡ. ଅକ୍ଷୟ କୁମାର ଗିରି ସଭାପତିତ୍ୱ କରିଥିଲେ।






